ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.214 Bhubaneswar Monday October 02 2023 | ୨୬ତମ ବର୍ଷ ସଂଖ୍ୟା-୨୧୪ ଭୁବନେଶ୍ୱର, ସୋମବାର, ଅକ୍ଟୋବର ୦୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଏସ୍‌ସିବିରେ ରୋଗୀଙ୍କ ଜୀବନ ସହ ଖେଳ ! ଅନ୍ଧାରରେ ଚାଲିଛି ସବୁ କିଛି

କଟକ,୧।୧୦(ପି.ଏନ): କଟକ ବଡ ମେଡିକାଲରେ ମୋବାଇଲ୍ ଲାଇଟରେ ହେଉଛି ରୋଗୀ ସେବା। ପୁଣି ଘଣ୍ଟା ଘଣ୍ଟା ଲାଇନ୍ ନଥିବାରୁ ରୋଗୀ ହେଉଛନ୍ତି କଲବଲ। ନିଦାନ ବିଭାଗରେ ଟେଷ୍ଟିଂ ବି ବନ୍ଦ। ରୋଗୀଙ୍କ ଜୀବନ ସହ ଚାଲିଥିବା ଏ ଖେଳକୁ ବି କ'ଣ ବିଶ୍ୱସ୍ତରୀୟ ବୋଲି ପ୍ରଶ୍ନ କଲେଣି ରୋଗୀଙ୍କ ସଂପର୍କୀୟ।ଏସ୍‌ସିବିକୁ ସରକାର ବିଶ୍ୱସ୍ତରୀୟ ମେଡିକାଲ କରିଥିବା କହୁଥିବେଳେ ଏଠାରେ ଥିବା ଅବ୍ୟବସ୍ଥାକୁ ନେଇ କ୍ଷୋଭ ପ୍ରକାଶ କରୁଛନ୍ତି ରୋଗୀଙ୍କ ସମ୍ପର୍କୀୟ। କେବଳ ଅଭିଯୋଗ ଆସିନି ବରଂ ଏସ୍‌ସିବିରେ ଚାଲିଥିବା ଅବ୍ୟବସ୍ଥାର ଦୁଇଟି ତାଜା ଅଦେଖା ଚିତ୍ର ବି ସମସ୍ତଙ୍କ ସାମ୍ନାକୁ ଆସିଛି। ଗୋଟିଏ ମୋବାଇଲ୍ ଲାଇଟରେ ରୋଗୀସେବା ବେଳର ଦୃଶ୍ୟ ଓ ଅନ୍ୟଟି ହେଲା ଲାଇନ୍ ନଥିବାରୁ ନିଦାନ ବିଭାଗରେ ପଡିଛି ତାଲା।ଶନିବାର କଟକ ବଡ ମେଡିକାଲ୍ ମେଡିସିନ୍ ବିଭାଗରେ



ଲାଇନ୍ ନଥିବାରୁ ମୋବାଇଲ୍ ଲାଇଟରେ କାହାକୁ ଇଂଜେକସନ ତ କାହାକୁ ଔଷଧ ଦିଆଯାଇଥିଲା। ଏମିତି କି କାଲି ୧୦ ଘଣ୍ଟା ଆଉ ଆଜି ବି ପୂରା ଦିନ ତମାମ୍ ବିନା ବିଜୁଳିରେ ଚାଲିଥିଲା ମେଡିକାଲ୍। ରୋଗୀ କଲବଲ ହେବା ସହ ସେମାନଙ୍କ ସହ ଆସିଥିବା ସଂପର୍କୀୟ ବି ଯମ ଯନ୍ତ୍ରଣାରେ ଛଟପଟ ହୋଇଛନ୍ତି।

## ଛତିଶଗଡ଼ରେ ପରିବର୍ତ୍ତନ ନିଶ୍ଚିତ : ପ୍ରଧାନମନ୍ତ୍ରୀ

ବିଳାସପୁର/ନୂଆଦିଲ୍ଲୀ, ୧।୧୦(ପି.ଏନ): ଶନିବାର ଛତିଶଗଡ଼ର ବିଳାସପୁରରେ ବିଜେପିର ପରିବର୍ତ୍ତନ ମହାସଂକଳ୍ପ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ଦୁର୍ନୀତିଗ୍ରସ୍ତ ହୋଇପଡ଼ିଛି। ।ପ୍ରତ୍ୟେକ ଯୋଜନାରେ ଦୁର୍ନୀତି ପରିଚାଳିତ । ଛତିଶଗଡ଼ର ଲୋକମାନେ କଂଗ୍ରେସକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ରୋଜଗାର ନାମରେ କେବଳ ଘୋଟାଲା ହିଁ ଘୋଟାଲା । ତେଣୁ ଛତିଶଗଡ଼ରେ କଂଗ୍ରେସ ସରକାର ହଟାଇବାକୁ ଏବଂ ବିଜେପି ଆଣିବାକୁ ଜନସାଧାରର ପ୍ରସ୍ତୁତ ଅଛନ୍ତି । ରାଜ୍ୟରେ ପରିବର୍ତ୍ତନ ଆଣିବାକୁ ଜନସାଧାରଣ ନିଷ୍ପତି ନେଇଛନ୍ତି ।ଛତିଶଗଡ଼ର ବିକାଶ ପାଇଁ ବିଜେପିକୁ ଉତ୍ସର୍ଗୀକୃତ ବୋଲି ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ବିଜେପି ସରକାର ରାଜ୍ୟର ବିକାଶ ପାଇଁ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ । ଆଜି ମୁଁ ଆପଣଂକୁ ଗ୍ୟାରେଂଟି ଦେବାକୁ ଆସିଛି ଯେ ଆପଣଙ୍କର ପ୍ରତ୍ୟେକ ସ୍ୱପ୍ନକୁ ସାକାର କରିବା ପାଇଁ ମୋଦି କୌଣସି ପରିସ୍ଥିତିକୁ ଛାଡ଼ିବ ନାହିଁ। ତୁମର ସ୍ୱପ୍ନ ହେଉଛି ମୋଦୀଙ୍କ ସଙ୍କଳ୍ପ । ରାଲିରେ ଏକାଠି ହୋଇଥିବା ଜନତାଙ୍କ ଉତ୍ସାହକୁ ପରିବର୍ତ୍ତନର ସଂକେତ ବୋଲି ବର୍ଣ୍ଣନା କରି ମୋଦୀ କହିଛନ୍ତି ଯେ, ଛତିଶଗଡ଼ରେ ପରିବର୍ତ୍ତନ ନିଷ୍ପତି ନିଆଯାଇଛି । ସେ କହିଛନ୍ତି ଯେ, ଆପଣ (ଛତିଶଗଡ଼ର ଲୋକମାନେ) କଂଗ୍ରେସକୁ କ୍ଷମତାରୁ ହଟାଇବାକୁ ଏବଂ ବିଜେପି ଆଣିବାକୁ ପ୍ରସ୍ତୁତ ଅଛନ୍ତି।

## ଭୋପାଳ ଆକାଶରେ ଗର୍ଜିଲା ଲଢୁଆ ବିମାନ

ଭୋପାଳ, ୧।୧୦(ପି.ଏନ): ରାଜଧାନୀ ଭୋପାଳର ବଡା ତାଲାବ ଉପରେ ଶନିବାର ଭାରତୀୟ ବାୟୁସେନା ନିଜର ଶକ୍ତି ପ୍ରଦର୍ଶନ କରିଛି । ଭାରତୀୟ ବାୟୁସେନାର ୯୧ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଏଠାରେ ବଡା ତାଲାବର ବୋଟ କ୍ଲବ ଅଂଚଳରେ ଆକାଶରେ ବାୟୁସେନାର ଲଢୁଆ ବିମାନ ଗୁଡିକ ଉଡାଣ ଭରିଥିଲେ ।

## ହୀରାକୁଦରେ ଖୋଲିଲା ୧୦ଟି ଗେଟ : ଜଳସ୍ତର ୬୨୮.୬୭ ଫୁଟ

ସମ୍ବଲପୁର,୧।୧୦(ପି.ଏନ) : ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ । ଏନେଇ ପାଣିପାଗ ବିଭାଗ ୧୩ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛନ୍ତି । ଏହି ସବୁକୁ ଦୃଷ୍ଟିରେ ରଖି ହୀରାକୁଦରେ ୧୦ଟି ଗେଟ ଖୋଲା ଯାଇଛି । ସକାଳ ୬ଟା ସୁଦ୍ଧା ଡ୍ୟାମର ଜଳସ୍ତର ୬୨୮.୬୭ ଫୁଟ ରହିଛି । ହୀରାକୁଦ ଡ୍ୟାମରେ ୮୯,୩୯୯ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୨,୦୩,୭୫୨ କ୍ୟୁସେକ ଜଳ ନିଷ୍କାସିତ ହେଉଛି ।ସୂଚନା ଅନୁଯାୟୀ, ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ଆଜି ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ ସହିତ ଦେବଗଡ, ସୁନ୍ଦରଗଡ, ସମ୍ବଲପୁର, ସୋନପୁର, ଝାରସୁଗୁଡା, ବରଗଡ ଏବଂ ବଲାଙ୍ଗୀରକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, କଟକ, ଯାଜପୁର, ନୟାଗଡ, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, କଳାହାଣ୍ଡି, ନବରଙ୍ଗପୁର ଓ ନୂଆପଡାରେ ପ୍ରବଳ ବର୍ଷା ଆଶଙ୍କା କରି ପଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି । ଏହି ଜିଲ୍ଲା ଗୁଡିକରେ ୭ରୁ ୧୧ ସେମି ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଆଲର୍ଟ ଜାରି କରିଛନ୍ତି ।



## ୩୫୦ ବର୍ଷ ପରେ ଭାରତ ଫେରିବ ଛତ୍ରପତି ଶିବାଜୀଙ୍କ 'ବାଘ ନଖ'

ଭୁବନେଶ୍ୱର,୧।୧୦(ପି.ଏନ): ନଭେମ୍ବରରେ ଫେରିବ ଛତ୍ରପତି ଶିବାଜୀ ମହାରାଜଙ୍କ 'ବାଘ ନଖ'। ଶିବାଜୀଙ୍କ ୩୫୦ତମ ରାଜ୍ୟାଭିଶେଷକ ଉତ୍ସବ ପାଳନ ଅବସରରେ ଏହି ଅସ୍ତ୍ର ବ୍ରିଟେନରୁ ଫେରିବ। ପୂର୍ବରୁ ଏନେଇ ବ୍ରିଟେନ ସରକାରଙ୍କ ସହ କଥାବାର୍ତ୍ତା ସରିଥିଲା।ଆସନ୍ତା ମଙ୍ଗଳବାର ମହାରାଷ୍ଟ୍ରର ସଂସ୍କୃତି ମନ୍ତ୍ରୀ ସୁଧୀର ମୁଙ୍ଗନ୍ତୀୱାର ଲଣ୍ଡନ ଗସ୍ତ କରିବେ।

## ଜୁନାଗଡରେ ଟ୍ରିପଲ୍ ମର୍ଡର !

ଭୁବନେଶ୍ୱର,୧।୧୦(ପି.ଏନ): ସାମ୍ନାକୁ ଆସିଛି ଛାତି ଥରାଇ ଦେବା ଭଳି ଘଟଣା। ରାସ୍ତାକଡରୁ ଏକାସାଙ୍ଗରେ ମିଳିଛି ୩ ଜଣଙ୍କ ରକ୍ତାକ୍ତ ମୃତଦେହ। କଳାହାଣ୍ଡି ଜିଲ୍ଲା ଜୁନାଗଡ ଥାନା ଶଙ୍କରପଲା ଗାଁ ରାସ୍ତାରୁ ସମସ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଛି ।ମୃତକଙ୍କ ମଧ୍ୟରେ ଜଣେ ମହିଳା, ତାଙ୍କର ୨ ବର୍ଷୀୟ ପୁଅ ଓ ମହିଳାଙ୍କର ଜଣେ ପଡୋଶୀ ମହେନ୍ଦ୍ର କୁମାର ରହିଛନ୍ତି। ସେମାନଙ୍କ ଶରୀରରେ ଏକାଧିକ କ୍ଷତ ଚିହ୍ନ ରହିଛି। ସେହିପରି ମୃତଦେହ ନିକଟରେ ଗୋଟିଏ ଧାରୁଆ ଅସ୍ତ୍ର ମଧ୍ୟ ମିଳିଛି।




## ଲଘୁଚାପ ବର୍ଷା ଜାରି: ୧୧ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଭୁବନେଶ୍ୱର,୧।୧୦(ପି.ଏନ): ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆଗାମୀ ୨ ଦିନ ଯାଏ ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆକଳନ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ଦୁଇ ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ କରାଯାଇଛି । ଏହା ବ୍ୟତୀତ ୧୩ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି ରହିଛି ।ସୂଚନା ଅନୁଯାୟୀ, ରାଜ୍ୟରେ ଲଘୁଚାପ ଜନିତ ବର୍ଷା ଯୋଗୁଁ ଆଜି ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳକୁ ଅରେଞ୍ଜ ୱର୍ଣ୍ଣିଂ ଜାରି ହୋଇଛି । ଦେବଗଡ, ସୁନ୍ଦରଗଡ, ସମ୍ବଲପୁର, ସୋନପୁରକୁ ଚେତାବନୀ ଦିଆଯାଇଛି । ଝାରସୁଗୁଡା, ବରଗଡ ଏବଂ ବଲାଙ୍ଗୀରକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଏହି ଜିଲ୍ଲା ଗୁଡିକରେ ୭ରୁ ୧୧ ସେମି ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ।ସେହିପରି ବାଲେଶ୍ୱର, ଭଦ୍ରକ, ଜଗତସିଂହପର, କଟକ, ଯାଜପୁର, ନୟାଗଡ, ବୌଦ୍ଧ, କନ୍ଧମାଳ, ଖୋର୍ଦ୍ଧା, କଳାହାଣ୍ଡି, ନବରଙ୍ଗପୁର ଓ ନୂଆପଡାରେ ପ୍ରବଳ ବର୍ଷା ଆଶଙ୍କା କରି ପଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି । ସୋମବାର ଦିନ ପଶ୍ଚିମ ଓଡିଶା ସହିତ କିଛି କେନ୍ଦ୍ରୀୟ ଜିଲ୍ଲାରେ ଏହି ସ୍ଥିତି ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।



# କମର୍ସିଆଲ୍ ଗ୍ୟାସ୍ ଦର ବୃଦ୍ଧି, ଜାଣନ୍ତୁ କେଉଁ ସହରରେ ମୂଲ୍ୟ କେତେ

ନୂଆଦିଲ୍ଲୀ,୧।୧୦(ପି.ଏନ): ଅକ୍ଟୋବର ଆରମ୍ଭରୁ ଗ୍ରାହକଙ୍କୁ ବଡ଼ ଝଟକା। କମର୍ସିଆଲ୍ ଏଲପିଜି ସିଲିଣ୍ଡର ମୂଲ୍ୟ ବୃଦ୍ଧି କଲେ ତୈଳ କମ୍ପାନୀ। ଆଜିଠାରୁ ନୂଆ ଦର ଲାଗୁ କରାଯାଇଛି। ନୂଆ ଦର ଅନୁସାରେ, ଗ୍ୟାସ୍ ସିଲିଣ୍ଡର୍ ପିଛା ୨୦୯ ଟଙ୍କା ବୃଦ୍ଧି ପାଇଛି। ଏହି ବୃଦ୍ଧି ପରେ ରାଜଧାନୀ ଦିଲ୍ଲୀରେ ୧୯ କିଲୋଗ୍ରାମ ଏଲପିଜି ସିଲିଣ୍ଡର ୧୭୩୧.୫୦ ଟଙ୍କାରେ ବିକ୍ରି ହେଉଛି। ଅନ୍ୟ ମେଟ୍ରୋ ସହରରେ କର୍ମସିଆଲ୍ ଗ୍ୟାସ୍ ସିଲିଣ୍ଡର ଦର ଦେଖିବାକୁ ଗଲେ




କୋଲକାତାରେ ଏଲପିଜି ସିଲିଣ୍ଡରର ମୂଲ୍ୟ ୨୦୩.୫୦ ଟଙ୍କା ବୃଦ୍ଧି ପାଇଛି ଏବଂ ଏଠାରେ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ୧,୬୩୬.୦୦ ଟଙ୍କା ବଦଳରେ ୧,୮୩୯.୫୦ ଟଙ୍କା ରହିଛି।

## ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତା ପରିଦର୍ଶନ କଲେ ଯନ୍ତ୍ରୀ

ଫୁଲନଖରା, ୧।୧୦(ପି.ଏନ): କଟକ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନସ୍ଥ ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତାର ତ୍ରିନାଥବଜାରଠାରୁ ମହୀଧରପଡ଼ା ମେଡ଼ିକାଲ ଛକ ମଧ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ରହୁଛି। ସେହିପରି ଏହାର ସଂଯୋଗକାରୀ ଖଣ୍ଡାଗର ଗ୍ରାମ୍ୟ ଢଳେଇ ରାସ୍ତାରେ ମଧ୍ୟ ପାଣି ଜମୁଛି। ମେଡ଼ିକାଲ ଛକଠାରୁ ମହୀଧରପଡ଼ା ଚମାରସାହି ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରୁ ମାଟି ଧସିବା ଯୋଗୁଁ ରାସ୍ତା ଦୁର୍ବଳ ହେଉଛି। ଠିକାଦାରଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ଏପରି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ୱାର୍ଡ଼ ସଭ୍ୟ ସୁନିଲ ରଥ, ବିଜୟ ମୁଦୁଲି, ସାମ୍ବାଦିକ ଲଳିତକୁମାର ଦାଶ, ଜୟନ୍ତ ରଥ, ହରେକୃଷ୍ଣ ଭୋଇ ପ୍ରମୁଖ ଅଞ୍ଚଳବାସୀ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଅବଗତ କଲାପରେ ଏହାର ତଦାରଖ ପାଇଁ ସେ ନିର୍ଦ୍ଦେଶ



ଦେଇଥିଲେ। ତାଙ୍କ ନିର୍ଦ୍ଦେଶ ପାଇ ସହକାରୀ ଯନ୍ତ୍ରୀ ଇଂ.ପ୍ରଣବ କୁମାର ବିଶ୍ୱାଳ, ୱାର୍କ ସରକାର ବିକ୍ରମ ଦାସ ଓ ଅନ୍ୟମାନେ ସମ୍ପୃକ୍ତ ରାସ୍ତା ପରିଦର୍ଶନ କରିଛନ୍ତି। ଉକ୍ତ ରାସ୍ତାରେ ଜମୁଥିବା ପାଣି ନିଷ୍କାସନ ଓ ଦୁର୍ବଳ ସ୍ଥାନଗୁଡ଼ିକର ମରାମତି ହେବବୋଲି ଇଂ.ବିଶ୍ୱାଳ ପ୍ରତିଶ୍ରୁତି ଦେଇଥିଲେ। ଅଧିକାରୀଙ୍କ ଏହି ଗସ୍ତ ସମୟରେ ମହୀଧରପଡ଼ା ଓ ଖଣ୍ଡାଗର ଗ୍ରାମବାସୀ ଉପସ୍ଥିତ ଥିଲେ।

## 'ପରିବର୍ତ୍ତନ ସମାବେଶ' ପାଇଁ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୧।୧୦(ପି.ଏନ); ଆଜି ଜଟଣୀ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ସୁରେଶ କୁମାର ରାଉତରାୟଙ୍କ ଅଧକ୍ଷତାରେ ଚଳିତ ଅକ୍ଟୋବର ମାସ ୨୭ ତାରିଖ ଖୋର୍ଦ୍ଧା ଜିଲ୍ଲାର ଗୀତା ଭବନ ପଡ଼ିଆ ଠାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ହେବାକୁ ଥିବା ପରିବର୍ତନ ସମାବେଶ ପାଇଁ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ଦ୍ୱୀପତଳ ଅନ୍ଧାର ପରି ଖୋର୍ଦ୍ଧା ଜିଲ୍ଲା ନବୀନ ଓ ମୋଦି ସରକାର ଉଦାସୀନତାରେ ଶିକାର। ଖୋର୍ଦ୍ଧା ଜିଲ୍ଲାର ବେକାର ଯୁବକ ଯୁବତୀମାନଙ୍କ ପାଇଁ ନିଯୁକ୍ତି ନାହିଁ। ସରକାରୀ ଯୋଜନାର ରୂପାୟନରେ ବ୍ୟାପକ ଦୁର୍ନୀତି ହେଉଛି। ସରକାରୀ ଶିକ୍ଷାନୁଷ୍ଠାନର ଦୁରାବସ୍ଥା କହିଲେ ନସରେ। ଏଠି ପ୍ରାଇଭେଟ ଶିକ୍ଷାନୁଷ୍ଠାନକୁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଆଇନ ଶୃଙ୍ଖଳା ଅତ୍ୟ' ବିପର୍ଯ୍ୟସ୍ତ। ସୁତରାଂ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସମସ୍ୟା, ରାଜ୍ୟର ଉତ୍କଟ ଗରିବି, ବେକାରୀ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଓ ଶିକ୍ଷା ବ୍ୟବସ୍ଥା, ମହଙ୍ଗାମାଡ଼ ପ୍ରଭୃତି ପ୍ରସଙ୍ଗରେ କଂଗ୍ରେସର ପରିବର୍ତନ ସମାବେଶ ହେବ। ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ସୁରେଶ କୁମାର ରାଉତରାୟ କହିଥିଲେ ଯେ ଏହି ସାଧାରଣ ସଭାରେ ଓଡ଼ିଶା ପ୍ରଭାରୀ ତଥା ସାଂସଦ ଡା. ଏ ଚେଲ୍ଲା କୁମାର, ପିସିସି ସଭାପତି ଶ୍ରୀ ଶରତ



ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି, କଂଗ୍ରେସ ବିଧାୟକ, ଏଆଇସିସିର କର୍ମକର୍ତା, ବରିଷ୍ଠ କଂଗ୍ରେସ ନେତା, ପୂର୍ବତନ ସାଂସଦ, ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ, ମହିଳା କଂଗ୍ରେସ, କଂଗ୍ରେସର ସମସ୍ତ ଛାମୁଆ ସଂଗଠନ, ପ୍ରକୋଷ୍ଠ ଓ ବିଭାଗର ମୁଖ୍ୟ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ଯୋଗଦେବେ। ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବ୍ଲକରୁ କଂଗ୍ରେସ କର୍ମୀ, କୃଷକ, ବେକାରୀ ଯୁବକ ଯୁବତୀ, ଛାତ୍ର, ମହିଳା, ବ୍ୟବସାୟୀ, ବୁଦ୍ଧିଜୀବି ଓ ବିଭିନ୍ନ ବର୍ଗର ଲୋକ ଏହି ସାଧାରଣ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚଳିତ ଅକ୍ଟୋବର ୨୭ ତାରିଖ ଦିନ ଖୋର୍ଦ୍ଧା ଗୋଡ଼ିପୋଖରୀ ଠାରୁ ଏକ ବିଶାଳ ଶୋଭାଯାତ୍ରା ଗୀତା ଭବନ ପଡ଼ିଆ ପର୍ଯ୍ୟ' ଯିବ ଏବଂ ସେଠାରେ ପରିବର୍ତନ ସମାବେଶ ହେବ। ଖୋର୍ଦ୍ଧା ଜିଲ୍ଲାର ସାଧାରଣ ଜନତା ୨୩ ବର୍ଷର ନବୀନ ସରକାର ଓ ୯ ବର୍ଷର ମୋଦି ସରକାରର ଉଦାସୀନତାରେ ଅତିଷ୍ଠ। ଏଠି ବ୍ଲକ ବାରଣ୍ଡାକୁ ଅଣ ବିଜେଡ଼ି ଲୋକେ ଚଢ଼ି ପାରୁ ନାହାଁ'। ବ୍ଲକ କାର୍ଯ୍ୟାଳୟ ଠାରୁ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟ' ବିଜୁ ଜନତା କାର୍ଯ୍ୟାଳୟରେ ପରିଣତ ହୋଇଛି। ବିନା ଲାଂଚରେ ସରକାରୀ ଅଫିସରେ କାମ ହୋଇପାରୁ ନାହିଁ। ଜଟଣୀର ବହୁ ପରିବାରଙ୍କର ପୈତୃକ ସଂପତି ସରକାରଙ୍କର ଭୁଲ ନିଷ୍ପତି ପାଇଁ ଜଗନ୍ନାଥ ଜମିରେ ପରିଣତ ହୋଇଯାଇଛି। ଯାହା ଫଳରେ ଏହି ସମ୍ପତିର ମାଲିକମାନେ ସେ ଜମିକୁ ପୁଅ ବାହାଘର, ଝିଅ ବାହାଘର, ରୋଗବ୍ୟାଧି, ପାଠପଢ଼ା ପ୍ରଭୃତି କାର୍ଯ୍ୟରେ ବିକ୍ରୟ କରିପାରୁ ନାହାଁ'। ସରକାରୀ ଯୋଜନା ମଧ ଏହି କାରଣ ପାଇଁ ଏଠାରେ ରୂପାୟନ ହୋଇପାରୁ ନାହିଁ। ତୁର' ଭୁଲ କ୍ରମେ ଜଗନ୍ନାଥ ଜମିରେ ପରିଣତ ହୋଇଥିବା ଏଠିକାର ମୂଳବାସିନ୍ଦା ମାନଙ୍କର ଜମିକୁ ସରକାର ସେମାନଙ୍କ ନାମରେ ଫେରାଇ ଦେବାକୁ ଏହି ସଭାରେ ଦାବି ରହିବ। ଆଜିର ପ୍ରସ୍ତୁତି ବୈଠକରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବ୍ଲକ କଂଗ୍ରେସ ସଭାପତି, କର୍ମକର୍ତା ମାନଙ୍କ ସହ ପିସିସି ବରିଷ୍ଠ ଉପସଭାପତି ଶ୍ରୀ ଶିବାନନ୍ଦ ରାୟ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ, ପ୍ରକାଶ ଜେନା, ଯୋଗିନାଥ ବାହୁ ବଳେନ୍ଦ୍ର, ପ୍ରଦୀପ ସ୍ୱାଇଁ, ବେଣୁ ଭୋଇ, ବଟକୃଷ୍ଣ ରାଉତରାୟ, ଶିଶିର ପରିଡ଼ା, ଜୟକୃଷ୍ଣ ମଲ୍ଲିଆ, ଅମିତ ମହାଁ', ଲିଙ୍ଗରାଜ ସାହୁ, ଭୂଷଣ ଛୋଟରାୟ, ସୁନିଲ ରାଉତରାୟ, ଅଶୋକ ମଙ୍ଗରାଜ, ପଦ୍ମଚରଣ ରାୟ, ନଗେନ ସିଂ, ଧନେଶ୍ୱର ରାଉତରାୟ, ତ୍ରିଲୋଚନ ପ୍ରଧାନ, ତପନ ଚର୍କବର୍ତୀ, ଜୟ' ଭୋଇ, ତାପସ ସେଠୀ, ନଳିନୀ ବେହେରା, ବିଜୟ କିଶୋର ଶିଶିର ଶେଖର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଭାରତ ଭଳି ପୁରାତନ ସଭ୍ୟତାର ପ୍ରଯୁକ୍ତିବିଦ୍ୟା ସହ ଅତୁଟ ସମ୍ପର୍କ ରହିଛି: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/, ଭୁବନେଶ୍ୱର, ୧।୧୦(ପି.ଏନ): ଭାରତ ଭଳି ପୁରାତନ ସଭ୍ୟତାର ପ୍ରଯୁକ୍ତିବିଦ୍ୟା ସହ ଅତୁଟ ସମ୍ପର୍କ ରହିଛି । ଭାରତୀୟ ଭାଷା ଏବଂ ପ୍ରଯୁକ୍ତିବିଦ୍ୟା ଜ୍ଞାନକୌଶଳର ସମାଗମ ଦେଶର ପ୍ରତିଭାବାନଙ୍କ ପାଇଁ ଅପାର ସମ୍ଭାବନାର ଦ୍ୱାର ଖୋଲିବ ବୋଲି ଶନିବାର ନୂଆଦିଲ୍ଲୀ ଠାରେ ୭୫ ଦିନିଆ ଭାରତୀୟ ଭାଷା ଉତ୍ସବ ଏବଂ ଦୁଇଦିନିଆ ପ୍ରଯୁକ୍ତିବିଦ୍ୟା ତଥା ଭାରତୀୟ ଭାଷା ଶିଖର ସମ୍ମିଳନୀକୁ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ତାମିଲ କବି ମହାକବି ଚିନ୍ନାସ୍ୱାମୀ ସୁବ୍ରମଣ୍ୟ ଭାରତୀଙ୍କ ଜନ୍ମଦିନ ତଥା ଭାରତୀୟ ଭାଷା ଦିବସ ପାଳନ କରିବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଉଛି । ଏହି ଉତ୍ସବ ସେପଟେମ୍ବର ୨୮ରୁ ଆରମ୍ଭ ହୋଇଥିବା ବେଳେ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ । ଏହା ଶିକ୍ଷାରେ ଭାରତୀୟ ଭାଷା ଗୁଡିକୁ ସମୃଦ୍ଧ ଭବିଷ୍ୟତର ମାର୍ଗ ପ୍ରସ୍ତୁତ କରିବ । ସରକାରଙ୍କ ସମ୍ପୂର୍ଣ୍ଣ ଆଭିମୁଖ୍ୟ ସହ ପାଳନ ହେଉଥିବା ଏହି ଉତ୍ସବ ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରିବା ସହ ଆମର ପୁରାତନ ଜ୍ଞାନ ପରମ୍ପରାର ଆଧାରରେ ସମୃଦ୍ଧ ଭବିଷ୍ୟତ ଦିଗରେ ଆଗକୁ ବଢିବାର ଉଦ୍ୟମ । ଟେକ୍ନୋଲୋଜି ମାଧ୍ୟମରେ ଭାରତୀୟ ଜ୍ଞାନ ପ୍ରବାହକୁ ଆଜିର ଆବଶ୍ୟକତା ଅନୁସାରେ ରୂପ ଦେବ । ଭାଷା ପାଇଁ ପ୍ରଯୁକ୍ତିବିଦ୍ୟା, ପ୍ରଯୁକ୍ତିବିଦ୍ୟାରେ ଭାଷା ଏବଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଭାଷା ଭାରତୀୟ ଭାଷା ପାଇଁ ଏକ ମଜବୁତ୍ ଇକୋସିଷ୍ଟମ ତିଆରି କରିବ । ଭାରତ ଭଳି ଦେଶରେ ଭାଷା, ସଂସ୍କୃତି ଓ ସଭ୍ୟତା ଦ୍ୱାରା ଜଣେ ବ୍ୟକ୍ତିଙ୍କ ପରିଚୟ ଜଣାପଡେ । ବ୍ୟକ୍ତିର ଉଚ୍ଚାରଣ ଓ ପୋଷାକ ପିନ୍ଧିବାର ଶୈଳୀରୁ ସାମାଜିକ ସଂସ୍କୃତି ଓ ପରିଚୟର ପ୍ରତିଫଳନ ହୋଇଥାଏ । ଏହା ଆମ ଭାରତୀୟ ଜ୍ଞାନ ପରମ୍ପରାର ଏକ ପ୍ରମୁଖ ଅଂଶ । ଆମ ଦେଶରେ ଜ୍ଞାନର ବ୍ୟବସ୍ଥା ସାହିତ୍ୟରେ ଦେଖିବାକୁ ମିଳେ । ବୈଦିକ କାଳରେ ଲିଖିତ ସାହିତ୍ୟକୁ ଦେଖିଲେ ଅଖିଳ ଭାରତୀୟ ଓ ବସୁଧୈବ କୁଟୁମ୍ବକମର କଳ୍ପନା ହଜାର ହଜାର ବର୍ଷ ପୂର୍ବରୁ ହୋଇଥିବା ଜଣାପଡେ । ଅର୍ଥାତ୍ ଏହି ସବୁ ଅତୀତରେ ସାହିତ୍ୟରେ ଲେଖାଯାଉଥିଲା । ବିନା ଭାଷାରେ ସାହିତ୍ୟ ହୋଇପାରିବ ନାହିଁ । ସଂସ୍କୃତି ଭାଷା ଓ ସାହିତ୍ୟର ଦର୍ପଣ ସଦୃଶ । ସେହିପରି ବର୍ତ୍ତମାନ ସମୟରେ ଭାଷାକୁ ନେଇ ବିତର୍କ ହେଉଛି । କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ନେତୃତ୍ୱରେ ପ୍ରଣୟନ ହୋଇଥିବା ଜାତୀୟ ଶିକ୍ଷା ନୀତିରେ ସବୁ ଭାରତୀୟ ଭାଷାକୁ ରାଷ୍ଟ୍ରୀୟ ଭାଷା ବୋଲି ଅଭିହିତ କରାଯାଇଛି । ପିଲା ମାନଙ୍କ ମଧ୍ୟରେ ମାତୃଭାଷା ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଭରିଥାଏ । ଏହି ଅବସରରେ ଶିକ୍ଷ ସଂସ୍ଥା, ସରକାରୀ ସଂସ୍ଥା ଓ ଷ୍ଟାର୍ଟ ଅପ୍ ଦ୍ୱାରା ଭାରତୀୟ ଭାଷା ଟେକ୍ନୋଲୋଜି ସାମଗ୍ରୀ ଉପରେ ଆୟୋଜିତ ଏକ ପ୍ରଦର୍ଶନୀକୁ କେନ୍ଦ୍ରମନ୍ତ୍ରୀ ବୁଲି ଦେଖିଥିଲେ । କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜର ଅଭିଜ୍ଞତାକୁ ୨୨ଟି ଭିନ୍ନ ଭିନ୍ନ ଭାଷାରେ ମତ ରଖିଥିଲେ, ଯାହାକୁ ନେଇ କେନ୍ଦ୍ରମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ ।

## କିମ୍ସରେ ସ୍ୱଚ୍ଛତା ହିଁ ସେବା ପାଳିତ

ଭୁବନେଶ୍ୱର,୧। ୧୦: ଆଜି ଠାରୁ ସମଗ୍ର ଦେଶ ପାଳୁଛି ସ୍ୱଚ୍ଛତା ହିଁ ସେବା ଅଭିଯାନ। ସ୍ୱଚ୍ଛ ଭାରତ ଅଭିଯାନର ୯ବର୍ଷ ପୂର୍ତ୍ତି ଅବସରରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (କିମ୍ସ) ପକ୍ଷରୁ ମେଗା ସ୍ୱଚ୍ଛତା ଅଭିଯାନ ପାଳିତ ହୋଇଯାଇଛି। ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ କିମ୍ସର ଡାକ୍ତର, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରଛାତ୍ରୀ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ଆଜି ଦିନ ୧୦ଟାରୁ ୧୧ ଟା ଯାଏ ସମସ୍ତେ ଶ୍ରମଦାନ କରିଥିଲେ। କିମ୍ସ ମେଡିକାଲ ପରିସର ଏବଂ ଏହାର ଆଖପାଖ ଅଞ୍ଚଳରେ ଏହି



ସଫେଇ କରାଯାଇଥିଲା। କିମ୍ସ ମେଡିକାଲ୍ କଲେଜ ଅଧକ୍ଷ ପ୍ରଫେସର ଅମ୍ବିକା ପ୍ରସାଦ ମହାନ୍ତି ଓ କିମ୍ସ ମେଡିକାଲ ଅଧୀକ୍ଷକ ପ୍ରଫେସର ରାମଚନ୍ଦ୍ର ଦାସଙ୍କ ନେତୃତ୍ୱରେ ସ୍ୱଚ୍ଛତା ପଖୱାଡା ଅନ୍ତର୍ଗତ ଅନୁଷ୍ଠିତ ଏହି ବିଶାଳ 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ଉପାଧକ୍ଷ ପ୍ରଫେସର ଶୁଭ୍ରାଂଶୁ ପାତ୍ର, ଅତିରିକ୍ତ ମେଡିକାଲ ଅଧୀକ୍ଷକ ପ୍ରଫେସର କବିକାନ୍ତ ସାମନ୍ତରାୟ, ବରିଷ୍ଠ ପ୍ରଫେସର ସୁଧାଂଶୁ କୁମାର ରଥଙ୍କ, କିମ୍ସର ଗ୍ରୁପ୍ ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡାଙ୍କ ସମେତ ବରିଷ୍ଠ ଅଧାପକ ଓ କର୍ମଚାରୀମାନେ ସାମିଲ ହୋଇଥିଲେ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ । ତାଙ୍କ ବୟସ ୫୩ ବର୍ଷ । ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି । ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି । ହାର୍ଟ ଫୋର୍ଡଶାୟରରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ । ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । ‘ବେବୋନିକ୍ ୩’ ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ । ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ । ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ । ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ । ‘ବେବୋନିକ୍-୩’ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି । ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ । ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି । ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ । ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି ।

## ଚର୍ଚ୍ଚାରେ ‘ହରାମ୍‌ଖୋର’



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ ‘ହରାମ୍‌ଖୋର’ର ଟ୍ରେଲର ରିଲିଜ କରାଯାଇଛି । ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା । ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ । ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ । ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି । ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି ।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ । ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ । ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା ।

# ମା’ କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା’ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା’ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା’ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

# କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

# ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ । ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି । ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା । ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ । ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା ‘ଚିଲି କିଙ୍ଗ’ । କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ । ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।




# ମହାମାନବ ମହାତ୍ମା ଗାନ୍ଧି

ରମେଶ ଚନ୍ଦ୍ର ନାୟକ

କୌଣସି ଦେଶ କିମ୍ବା ଜାତି ଯେତେବେଳେ ସଂକଟର ସମ୍ମୁଖୀନ ହୋଇଥାଏ,ସେତେବେଳେ ଦେଶରେ ଯୋଗଜନ୍ମା ମହାପୁରୁଷମାନେ ଜନ୍ମଲାଭ କରିଥାନ୍ତି ।ସେହିଭଳି ଏକ ଦୁର୍ଦ୍ଦିନ ବେଳରେ ଆମ ଦେଶ ଭାରତ ଇଂରେଜମାନଙ୍କ ଶାସନାଧୀନ ହୋଇ ପରାଧୀନ ରାଷ୍ଟ୍ରରୂପେ ପରିଗଣିତ ହୋଇଥିଲା । ଭାରତକୁ ସେହି ପରାଧୀନତାର ବନ୍ଧନରୁ ମୁକ୍ତ କରିବା ପାଇଁ ଯେଉଁ କେତେଜଣ ଦେଶପ୍ରେମୀ ବ୍ରତୀ ହୋଇଥିଲେ, ସେମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ ସ୍ୱର୍ଗତ ମୋହନ ଦାସ କରମଚାନ୍ଦ ଗାନ୍ଧୀ ଯିଏକି ଗାନ୍ଧିଜୀ ବା ବାପୁଜୀ ନାମରେ ସାରା ସଂସାରରେ ପରିଚିତ ।ତାଙ୍କର ନିରନ୍ତର ଚେଷ୍ଟା, ନିରବଚ୍ଛିନ୍ନ ଉଦ୍ୟମ ଓ ଅହିଂସା ରୂପକ ମନ୍ତ୍ର ଦ୍ୱାରା ଭାରତ ଇଂରେଜ ଶାସନରୁ ମୁକ୍ତ ହୋଇଥିଲା । ସତ୍ୟ ଅହିଂସାର ପୂଜାରୀ, ଦୀନ ଦୁର୍ବଳର ବନ୍ଧୁ,ସ୍ୱାଧୀନ ଭାରତର ସ୍ରଷ୍ଟା ତଥା ମୁକ୍ତି ସଂଗ୍ରାମର ସେନାପତି ମହାତ୍ମା ଗାନ୍ଧି ଜାତିର ଜନକ ରୂପେ ମଧ୍ୟ ସର୍ବଜନବିଦିତ ।ସେ ଆମ ଦେଶ ତଥା ଜାତି ନିକଟରେ ଚିରସ୍ମରଣୀୟ ।

ଅକ୍ଟୋବର ମାସର ଆଗମନ ଆମ ଦେଶ ତଥା ରାଜ୍ୟକୁ ଏପରି ଭାବେ ଆନ୍ଦୋଳିତ କରି ଦିଏଯେ, ଅନ୍ୟ କୌଣସି ମାସ ସେପରି ଭାବେ ଆମ ମନ ଚୈତନ୍ୟ କୁ ଏତେ ଆନ୍ଦୋଳିତ କରି ପାରେନା । ଅକ୍ଟୋବର ଦୁଇ ତାରିଖ, ଆମ ପାଇଁ ଅର୍ଥାତ୍ ଭାରତୀୟ ମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିବସ । ଯୁଗମାନବ ମହାତ୍ମା ଗାନ୍ଧି ୧୮୬୯ ଖ୍ରୀଷ୍ଟାବ୍ଦ ଏହି ଦିନରେ ଗୁଜରାଟର ପୋରବନ୍ଦର ଠାରେ ପିତା କାବା ଗାନ୍ଧି ଓ ମାତା ପୁତୁଳିବାଈଙ୍କ ଔରସରୁ ଜନ୍ମଗ୍ରହଣ କରିଥିଲେ । ଗୌତ ?ମ ବୁଦ୍ଧଙ୍କ ପରେ ଅହିଂସା,ମାନବ ପ୍ରେମ ଓ ସମଗ୍ର ଜଗତକୁ ବହୁ ପରିମାଣରେ ଦିବ୍ୟ ଦୃଷ୍ଟିରେ ନିରୀକ୍ଷଣ କରିଥିବା ଏହି ମହାମାନବଙ୍କ ଆବିର୍ଭାବ ସାରା ଦେଶପାଇଁ ଏକ ବରଦାନ । ତାଙ୍କର କଥନୀ,କରଣୀ, କର୍ମ ଓ ଉଚ୍ଚାରଣରେ ଆଣୀ ପ୍ରଭେଦ ନ ଥିଲା ।ଏହି । ମହାମାନବଙ୍କ ଜନ୍ମ ବେଳେ ନାମ ପାଇଥିଲେ ‘ମୋହନ’ ଅର୍ଥାତ୍ ମୋହନ ଦାସ କରମଚାନ୍ଦ ଗାନ୍ଧି , ମାତ୍ର ମୃତ୍ୟୁ ବେଳକୁ ସେ ଆମ ପାଇଁ କେବଳ ବାପୁଜୀ ହୋଇ ରହି ଯାଇଥିଲେ ଏବଂ ଜଗତ ଜନଙ୍କ ନିକଟରେ ମହାତ୍ମା ଗାନ୍ଧୀ । ତାଙ୍କ ପିତାମାତା ଅତ୍ୟନ୍ତ ସରଳ, ସାଧୁ ଓ ନୀତି ନିଷ୍ଠ ଥିବାରୁ ପିତାମାତାଙ୍କ ପ୍ରଭାବ ଗାନ୍ଧିଜୀଙ୍କ ଉପରେ ପଡିଥିଲା ଯାହାକି ପରବର୍ତ୍ତି ସମୟରେ ତାଙ୍କୁ ଦେଶ ଜାତିର ସେବା କରିବାକୁ ପ୍ରେରଣା ଦେଇଥିଲା ।ତାଙ୍କର ଜନ୍ମ ଏକ ଦିବ୍ୟ ସନ୍ଦେଶ କୁ ବହନ କରିଥିଲା । ତାଙ୍କ ମୃତ୍ୟୁ କିନ୍ତୁ ତା’ ଠାରୁ ଆହୁରି ଅଧିକ ଦିବ୍ୟତାର ବାର୍ତ୍ତା ପ୍ରଚାର କରିଯାଇଛି ।ଆତତାୟୀର ଗୁଳିରେ ସେ ନିହତ ହୋଇଥିଲେ ସତ, ମାତ୍ର ସେ ସମର୍ପଣ କରି ଯାଇଥିଲେ ନିଜର ଚିରନ୍ତନ ଆତ୍ମାକୁ ଅହିଂସା, ସତ୍ୟ ଓ ମାନବିକତା ଉଦ୍ଦେଶ୍ୟରେ ।ସେ ବଞ୍ଚିଥିବା ବେଳେ ଯେତେ ମହାନ ଥିଲେ, ତିରୋଧାନ ପରେ ତା’ଠାରୁ ଆହୁରି ଅଧିକ ଅନେକ ଗୁଣରେ ଅଧିକ ମହାନ ହୋଇ ରହିଛନ୍ତି ଓ ରହିଥିବେ ଚିରଦିନ ।ଗୌତମ ବୁଦ୍ଧ କଠିନ ତପ ଓ ସାଧନା ବଳରେ ସିଦ୍ଧି ପ୍ରାପ୍ତ ହୋଇ ବୁଦ୍ଧତ୍ୱ ଲାଭ କରିଥିଲେ । ଗାନ୍ଧିଜୀ ଠିକ୍ ସେହିପରି ଦକ୍ଷିଣ ଆଫ୍ରିକା ଠାରୁ ଭାରତ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ, ପ୍ରତି ମୁହୂର୍ତ୍ତରେ କଠିନ ଆଚରଣଗତ ତପସ୍ୟା ଦ୍ୱାରା ଯେଉଁ ସିଦ୍ଧିପ୍ରାପ୍ତ ହୋଇଥିଲେ, ତାହାହିଁ ତାଙ୍କର ଅହିଂସା ରୂପକ ପରମ ଜ୍ଞାନ ଥିଲା । ସେହି ତପସ୍ୟାର ସିଦ୍ଧି ସ୍ୱରୂପ ଆମର ଜାତୀୟ ସ୍ୱାଧୀନତା କେବଳ ହୋଇ ନଥିଲା, ଦୀର୍ଘ ପରାଧୀନତା ପରେ ଏକ ଜୀବନ୍ତ ଜାତିର ଅହିଂସା ରୂପକ ବୀଜମନ୍ତ୍ରରେ ରୂପାନ୍ତରିତ ହୋଇ ଆମକୁ ପୃଥିବୀରେ ଏକ ଶ୍ରେଷ୍ଠ ଜାତିରେ ପରିଣତ କରିବାକୁ ପ୍ରଚୋଦିତ କରିଥିଲା ।ଶହ ଶହ ଭାଷା, ବହୁ ଧର୍ମ ଓ ସମ୍ପ୍ରଦାୟ,,ଅନେକ ଜାତି, ଉପଜାତି,ଅନେକ ସଂସ୍କୃତି ଓ ପରମ୍ପରାର ଏକ ବିରାଟ ଭୁଖଣ୍ଡକୁ ଏକତାର ମନ୍ତ୍ରରେ ବାନ୍ଧି ରଖିବାର ପ୍ରେରଣା, ଗାନ୍ଧିଜୀଙ୍କର ଅହିଂସା ତଥା ମାନବବାଦ ଦ୍ୱାରା ହିଁ ସମ୍ଭବପର ହୋଇଛି ।

ସେ ଦକ୍ଷିଣ ଆଫ୍ରିକାରେ ଥିବା ବେଳେ ବର୍ଣ୍ଣଭେଦ ବଡ଼ ଉତ୍କଟ ରୂପ ଧାରଣ କରିଥିବାରୁ ସେଠାକାର ଥିବା ଭାରତୀୟ ଲୋକମାନେ ଗୋରାମାନଙ୍କ ଦ୍ୱାରା ଅତ୍ୟାଚାରିତ ହେଉଥିଲେ । ସେଠାରେ ଗାନ୍ଧିଜୀ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଇଂରେଜମାନଙ୍କର ଅନ୍ୟାୟ କାର୍ଯ୍ୟର ପ୍ରତିବାଦ କରିଥିଲେ । ସେଠାରେ ଥିବା ଭାରତୀୟ ମାନଙ୍କୁ ସଙ୍ଗଠିତ କରି ସେମାନଙ୍କର ଦାବି ହାସଲ ପାଇଁ ସତ୍ୟ ଅହିଂସା ମାର୍ଗରେ ଗୋରାସାହେବଙ୍କ ବିରୁଦ୍ଧରେ ସଂଗ୍ରାମ ଚାଲୁରଖିଥିଲେ ଯାହାର ନାମଥିଲା ସତ୍ୟାଗ୍ରହ । ପରିଶେଷରେ ଗାନ୍ଧିଜୀ ସେହି କାର୍ଯ୍ୟରେ ଜୟଯୁକ୍ତ ହୋଇ ସେଠାକାର ଭାରତୀୟମାନଙ୍କ ଦ୍ୱାରା ‘ ମହାତ୍ମା ‘ ପଦବୀରେ ବିଭୂଷିତ ହୋଇଥିଲେ । ନିଜ ମାତୃଭୂମିର ସୁରକ୍ଷା ଓ ଦେଶରୁ ବିଦେଶୀ ଶାସନର ମୁକ୍ତି ନିମନ୍ତେ ଦେଶ ମାତୃକା ସେବାରେ ନିଜକୁ ନିୟୋଜିତ କରାଯିବା ପାଇଁ ଦକ୍ଷିଣ ଆଫ୍ରିକାରୁ ଫେରି ଦେଶ ସ୍ୱାଧୀନତା ହେବାର ସ୍ୱପ୍ନ ଦେଖିଥିଲେ । ନିଜର ପ୍ରଚାରିତ ଅହିଂସା ମନ୍ତ୍ର ବଳରେ ସାରା ଭାରତର ଲୋକମାନଙ୍କୁ ସଙ୍ଗଠିତ କରି ଆନ୍ଦୋଳନରେ ବ୍ରତୀ ହୋଇଥିଲେ ।୧୯୩୦ ମସିହାରେ ଲବଣ ସତ୍ୟାଗ୍ରହ ତଥା ୧୯୪୨ ମସିହାରେ ଭାରତଛାଡ ଆନ୍ଦୋଳନର ସୂତ୍ରପାତ ଘଟାଇ ଗାନ୍ଧିଜୀ ପଦବ୍ରଜରେ ଯାତ୍ରା କରି ଜନସଚେତନତା ସୃଷ୍ଟି କରିଥିଲେ ।ସେ ଏଥିପାଇଁ ବହୁବାର କାରାବରଣ କରି ନିଜର ନିଷ୍ପାପର ଉଦ୍ୟମ ଫଳରେ କେବଳ ସଫଳକାମୀ ହୋଇପାରି ନଥିଲେ, ମୁକ୍ତି ସଂଗ୍ରାମର ମୁଖ୍ୟ ସେନାପତି ସାଜି ଅହିଂସା ପଥରେ ଆମ ଦେଶକୁ ବ୍ରିଟିଶ ଶାସନ କବଳରୁ ମୁକ୍ତ କରାଇ, ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶକୁ ସ୍ୱାଧୀନ କରିଥିଲେ । ଅହିଂସାର ଅସ୍ତ୍ର କେତେ ଶକ୍ତିଶାଳୀ ତାହା ପୃଥିବୀର ସମସ୍ତ ରାଷ୍ଟ୍ର ହୃଦୟଙ୍ଗମ କଲେ । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଦେଶ ସ୍ୱାଧୀନ ହେଲା । ସର୍ବତ୍ର ପୁରପଲ୍ଲୀରେ ଜାତୀୟ ପତାକା ଫର ଫର ହୋଇ ଉଡିଲା ଓ ଭାରତ ମାତାର ଜୟଗାନ କରାଗଲା । ପୁଣ୍ୟଭୂମି ସବୁକାଳ ପାଇଁ ପୁଣ୍ୟଭୂମି ହୋଇ ରହିଲା, ଯା ?ହାକି ଗାନ୍ଧୀଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ପୁଣ୍ୟଭୂମିର ମର୍ଯ୍ୟାଦା ରକ୍ଷାକରିବା ପଇଁ ଯୋଗୀ,ମୁନିଗଣ ଯୁଗ ଯୁଗରୁ ଭାରତବର୍ଷରେ ଜନ୍ମ ହୋଇ ଧର୍ମର ବାର୍ତ୍ତା ପ୍ରଚାର କରିଆସିଛନ୍ତି ।ଏହି ଧର୍ମର ବାର୍ତ୍ତା ଭବିଷ୍ୟତରେ ବଳବତ୍ତର ହୋଇ ରହିବା ପାଇଁ ରାମାୟଣ,ମହାଭାରତ,ଶ୍ରୀମତ ଭାଗବତ ଗୀତା ଇତ୍ୟାଦି ମ ?ହାନ ପୁରାଣ ମାନଙ୍କରେ ଲେଖାଯାଇଅଛି ।ଏହି ପୁରାଣ ଶାସ୍ତ୍ର କେବଳ ଜନସମାଜକୁ ଚେତନଶୀଳ କରାଇ ସତ ମାର୍ଗରେ ପରିଚାଳିତ କରାଇବା ପାଇଁ ଉଦ୍ଦିଷ୍ଟ ।ସକଳ ଜନସମାଜ ଆଧାତ୍ମିକବାଦର ବଶୀଭୂତ ହେଲେ ଭାରତବର୍ଷ ଏକ ଆଧାତ୍ମିକବାଦର ଭୂମି ହୋଇ ଚିର କାଳକୁ ରହିବା ସଙ୍ଗେ ସଙ୍ଗେ ସକଳ ଜନସମାଜକୁ ମାର୍ଜିତ କରିବ ବୋଲି ଗାନ୍ଧିଜୀ ବିଚାର କରୁଥିଲେ ।

ପୁଣ୍ୟାତ୍ମା ଯୁଗପୁରୁଷ ବାପୁଜୀ ଭାରତବର୍ଷକୁ ଏକ ରାମରାଜ୍ୟରେ ପରିଣତ କରିବାକୁ ସ୍ୱପ୍ନ ଦେଖିଥିଲେ । ରାମଚନ୍ଦ୍ର ଭଗବାନଙ୍କ ଅବତାର ହୋଇ ଅଯୋଧାରେ ଜନ୍ମ ଗ୍ରହଣ କରିଥିଲେ ସତ, କିନ୍ତୁ ତାଙ୍କର ଧୈର୍ଯ୍ୟ, ସାହସ, ତ୍ୟାଗ, ପିତୃ ଭକ୍ତି, ସରଳ ମାନସିକତା ଭାରତର ସମସ୍ତ ଜନସମାଜକୁ ସ୍ପର୍ଶ କରିଥିଲା । ସ୍ୱୟଂ ଭଗବାନ ରାମଚନ୍ଦ୍ର ଥିଲେ ସତ୍ୟ, ଶାନ୍ତି, ଦୟା, କ୍ଷମା ଓ ଅହିଂସାର ଅବତାର । ତାଙ୍କ ହୃଦୟକୁ କୋ ?ଣସି କପଟତା ଓ କାମନା ଶକ୍ତି ପ୍ରବେଶ କରି ନ ଥିଲା । କପଟତା ଓ କାମନା ଶକ୍ତି ମାନବିକତାକୁ ଧ୍ୱଂସ ବିଧ୍ୱଂସ କରିପକାଏ । ସତ୍ୟର ପରିପ୍ରକାଶ ହେଲେ ସତ୍ୟ ଯୁଗର ଉଦୟ ହୁଏ ।ତେଣୁ କୁହାଯାଇଛି ସତ୍ୟମେବ ଜୟତେ । ସଂସାର କେବଳ ମାୟାର କବଳିତ । ସମସ୍ତ ପାର୍ଥିବ ପଦାର୍ଥ କ୍ଷଣ ଭଙ୍ଗୁର ଓ ନିମିଷ ମାତ୍ର । କିନ୍ତୁ ମାନବ କେବଳ ମାୟାର ବଶୀଭୂତ ହୋଇ ଅସାର ପଦାର୍ଥ ପଛରେ ଘୁରି ବୁଲେ ।ସେ ବାସ୍ତବତା ଅନୁଭବ କରିପାରେ ନାହିଁ ବା ଉଚିତ
ତତ୍ତ୍ୱର ମୂଲ୍ୟାଙ୍କନ କରିପାରେ ନାହିଁ ।

ଭାରତବର୍ଷକୁ ରାମରାଜ୍ୟରେ ପରିଣତ କରିବା ପାଇଁ ମହାତ୍ମା ଗାନ୍ଧୀ ଏକ ସରଳ ହୃଦୟ ଧାରଣ କରି ହାତରେ ଭଗବତ ଗୀତା ଧରି ବୁଲୁଥିଲେ ।ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ ବୋଲି କହି ଗୀତାର ତତ୍ତ୍ୱକୁ ଶୁଣାଉଥିଲେ । ସାରା ସଂସାରରେ ଭଗବାନ ଗୋଟିଏ ।ଯିଏ ଈଶ୍ୱର ସେ ହିଁ ଆଲ୍ଲା,ଏମାନଙ୍କ ମଧ୍ୟରେ କୌଣସି ଫରକ ନାହିଁ । ଭଗବାନଙ୍କ ନାମ ଅନେକ ହୋଇଥାଇପାରେ, କିନ୍ତୁ ସମସ୍ତଙ୍କ ଉଦ୍ଦେଶ୍ୟ ସଂସାରର ମଙ୍ଗଳ ପାଇଁ,ମାନବ ଧର୍ମ ହିଁ ସଂସାରରେ ଗୋଟିଏ ଧର୍ମ ଓ ମାନବ ସେବାହିଁ ଭଗବାନଙ୍କର ସେବା ।

ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟ ଥିଲା ଭାରତ ହେଉ ରାମଭୂମି ଯେଉଁଠି କ୍ରୋଧ, ଲୋଭ, ମୋହ, ମାତ୍ସର୍ଯ୍ୟ ନ ରହୁ ।ଏ ଗୁଡ଼ିକ ନର୍କ ପଥର ଉତ୍ସ ।ଜଗତର ସକଳ ହୃଦୟରେ ରାମ ବା ପରମବ୍ରହ୍ମ ବିରାଜମାନ କରନ୍ତୁ ।ସମସ୍ତେ ଭଗବତ ସତ୍ତାରେ ମଜ୍ଜି ରହନ୍ତୁ । ଦେଶମାତୃକାର ସମସ୍ତ କଳୁଷ ଧ୍ୱଂସ ପାଉ ।ଦେଶ ହେଉ ମହାନ୍ । ସମସ୍ତେ ପରମ ସତ୍ତାର ଉପଲବ୍ଧି କରନ୍ତୁ । ଯୁଗେ ଯୁଗେ ପୃଥିବୀରେ ଭାରତର ଜୟଗାନ ହେଉ । ଜାତିର ଜନକ ବାପୁଜୀଙ୍କ ସ୍ୱପ୍ନ ସାକାର ହେଉ । ସମସ୍ତେ ମାତୃଭୂମିର ପ୍ରଗତି ପାଇଁ ଅଗ୍ରସର ହୁଅନ୍ତୁ । ସ୍ୱର୍ଣ୍ଣପ୍ରସୂ ଭାରତ ସର୍ବଦା ସ୍ୱର୍ଣ୍ଣପ୍ରସୂ ହୋଇ ରହୁ । ଜାତିର ପ୍ରଗତି ଆମର ପ୍ରଗତି । ସମସ୍ତଙ୍କର ସାଧୁତା ଓ ନିଷ୍ଠାପରତା ପ୍ରଗତିର ସହାୟକ ହେବ । ସନ୍ତ୍ରାସବାଦ ଚିନ୍ତାଧାରା ଜାତି ଧ୍ୱଂସ ସାଧନର କାରଣ ।ମୃତ୍ୟୁ ପର୍ଯ୍ୟନ୍ତ ଗାନ୍ଧୀଙ୍କର ରାମରାଜ୍ୟର ସ୍ୱପ୍ନ ବଳବତ୍ତର ରହିଥିଲା ।

ଏ ଦେଶ ହିନ୍ଦୁ ବହୁଳ ହୋଇବି ହିନ୍ଦୁ ରାଷ୍ଟ୍ର ନୁହେଁ ।ଏହା ଏକ ଧର୍ମନିରପେକ୍ଷ,ସମାଜବାଦୀ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ।ଏହା ମଧ୍ୟ ଗାନ୍ଧିଜୀଙ୍କ ସ୍ୱପ୍ନର ସ୍ୱରାଜ ଯୋଗୁଁ ସମ୍ଭବ ହୋଇଛି ଏବଂ ଗତ ୭୩ ବର୍ଷର ସ୍ୱାଧୀନତା ଭିତରେ ବହୁ ବାହ୍ୟ ତଥା ଆଭ୍ୟନ୍ତରୀଣ ଉତଥାନ ପତନ ଭିତରେ ବେଶ୍ କେତୋଟି ଯୁଦ୍ଧ ଓ କିଛି ଅଙ୍ଗରାଜ୍ୟର ବିଛିନ୍ନତାବାଦୀ ଆନ୍ଦୋଳନ ହେବା ସତ୍ତ୍ୱେ ଭାରତ ଏକ ରାଷ୍ଟ୍ର ଭାବେ କେବଳ ତିଷ୍ଠି ରହିନାହିଁ ବରଂ ଏକ ଶକ୍ତିଶାଳୀ ରାଷ୍ଟ୍ରଭାବେ ବିଶ୍ୱରେ ନିଜର ସ୍ଥିତି ସୁଦୃଢ଼ କରିପାରିଛି ।ଭାରତ ଗାନ୍ଧିଜୀଙ୍କ ପ୍ରଦର୍ଶିତ ଉଦାର ସହାବସ୍ଥାନ ନୀତି ଆପଣେଇ ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ଓ ପ୍ରିୟ ହୋଇପାରିଛି । ଆତ୍ମ ବଳିଦାନ ଦ୍ୱାରା ଭାରତକୁ ଏକ ମହାନ ରାଷ୍ଟ୍ର ଓ ଭାରତୀୟଙ୍କୁ ଏକ ମହାନ ଜାତିର ପରିଣତ କରି ଯାଇଥିବା ଅହିଂସାର ପରମ ପୂଜାରୀ ଗାନ୍ଧିଜୀଙ୍କୁ ଆଜି ପୁନରାୟ ନିତ୍ୟପ୍ରତି ହତ୍ୟା କରିବା ପାଇଁ କିଛି ଘୃଣା ଉଦ୍ରେକକାରୀ ଶକ୍ତି ଯେଉଁଭଳି ଭାବେ ଚକ୍ରାନ୍ତ ଆରମ୍ଭ କରିଛନ୍ତି, ତାହାହିଁ ଚିନ୍ତାର ବିଷୟ ।ଅହିଂସାର ଉପାସକ ମହାମାନବ ଗାନ୍ଧିଜୀଙ୍କ ଜୟନ୍ତୀ ବାସରେ ପ୍ରତ୍ୟେକ ଭାରତୀୟ ଆଜି ଚିନ୍ତା କରିବାର ବେଳ ଆସିଛି ଯେ, ଗ୍ରାମ ସ୍ୱରାଜ୍ୟର ସ୍ୱପ୍ନ ଦ୍ରଷ୍ଟା, ଦରିଦ୍ର ମାନଙ୍କର ମୁକ୍ତି ପାଇଁ କୁଟୀର ଶିଳ୍ପ ତଥା କୃଷିର ବିକାଶ ଓ ସର୍ବୋପରି ଭାରତର ସର୍ବଶ୍ରେଷ୍ଠ ସମ୍ପଦ ମାନବ ସମ୍ବଳର ବିକାଶ ପାଇଁ ପଦକ୍ଷେପ ନିଆଯିବ, ନା କିଛି ଦେଶୀ ବିଦେଶୀ କର୍ପୋରେଟ ପୁଞ୍ଜିବାଦୀଙ୍କ ସନ୍ତୁଷ୍ଟ ପାଇଁ ଦେଶକୁ ତଥା ଦେଶର ଜନଗଣଙ୍କୁ ବଳି ଦିଆଯିବ । କର୍ପୋରେଟ ପୁଞ୍ଜିର ସୁରକ୍ଷା ପାଇଁ ସାମ୍ପ୍ରଦାୟିକତାର ହିଂସା ଓ ମୂଳନିବାସୀ ମାନଙ୍କୁ ନିଜ ଭିଟାମାଟିରୁ ଉଚ୍ଛେଦ କରି ଶିଳ୍ପ ସାମ୍ରାଜ୍ୟ ଗଢ଼ିବାକୁ ନିମନ୍ତ୍ରଣ ଦିଆଯିବାର ଯେଉଁ ଅଦେଖା ଷଡ଼ଯନ୍ତ୍ର ରଚାଯାଉଛି, ତା’ର ବିରୁଦ୍ଧରେ ଗାନ୍ଧୀ ପ୍ରଦର୍ଶିତ ଅହିଂସା ଆନ୍ଦୋଳନ ମାଧ୍ୟମରେ ପ୍ରତିବାଦ କରିବା ପାଇଁ ପ୍ରତ୍ୟେକ ଦେଶବାସୀ ବାହାରକୁ ବାହାରିବା ଉଚିତ । ଗାନ୍ଧିଜୀ ଆଜି ଇହ ଜଗତରେ ନାହାଁନ୍ତି ସତ, କିନ୍ତୁ ତାଙ୍କର ଦର୍ଶନ ଆଜି ସାରା ବିଶ୍ୱରେ ଆଦୃତ ହୋଇଛି । କାରଣ ସେ ବିନା ଯୁଦ୍ଧରେ ଓ ବିନା ରକ୍ତପାତରେ ଭାରତକୁ ସ୍ୱାଧୀନତା ଆଣି ପାରିଥିଲେ ।ହୁଏତ ସେ ଭାରତ ବ୍ୟତୀତ ଅନ୍ୟ ଦେଶରେ ଜନ୍ମଗ୍ରହଣ କରିଥିଲେ ଦେଶର ଶାନ୍ତି ପ୍ରତିଷ୍ଠା ପାଇଁ ନୋବେଲ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିଥାନ୍ତେ । ସେଥିପାଇଁ ଦେଶର ଆବାଳବୃଦ୍ଧବନିତା ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବା ଉଚିତ । ବିଶେଷକରି ଭାରତର ନବଯୁବକ ଯୁବତୀମାନେ ଗାନ୍ଧୀ ପ୍ରଦର୍ଶିତ ମାର୍ଗରେ ଦେଶକୁ ଆଗେଇ ନେବାକୁ ଗାନ୍ଧୀ ଜୟନ୍ତୀରେ ଏ ?ହି ପବିତ୍ର ଅବସରରେ ନିବେଦନ ।କାରଣ ଏହି ମୁକ୍ତି ସଂଗ୍ରାମର ସେନାପତିଙ୍କ ପ୍ରଦର୍ଶିତ ଅହିଂସା ମାର୍ଗ ବ୍ୟତୀତ ଆମ ପାଖରେ ଦେଶର ବିକାଶ, ନିଶା ନିବାରଣ ତଥା ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନ୍ୟ କୌଣସି ବିକଳ୍ପ ମାର୍ଗ ନାହିଁ ।

*କେଶରପୁର , ବକ୍ସି ବଜାର ,କଟକ*
*ମୋ :- ୭୯୭୮୧୫୧୭୧୦*

# ଗୀତିକାର ମଜରୁହ୍ ସୁଲତାନ୍‌ପୁରୀ

ଭାରତର ପ୍ରସିଦ୍ଧ ଉର୍ଦ୍ଦୁକବି ଏବଂ ହିନ୍ଦୀ ସିନେ ଜଗତର ସୁପରିଚିତ ଗୀତିକାର ମହଜରୁହ୍ ସୁଲତାନ୍‌ପୁରୀ । ପଚାଶ ଓ ଷାଠିଏ ଦଶକରେ ଭାରତୀୟ ସିନେମା ଇଣ୍ଡଷ୍ଟ୍ରିର ସେଥିଲେ ଅନ୍ୟତମ ପ୍ରମୁଖ ସଙ୍ଗୀତଜ୍ଞ । ସେ ଅଖିଳ ଭାରତୀୟ ପ୍ରଗତିଶୀଳ ଲେଖକ ଆନ୍ଦୋଳନର ଜଣେ ଚିହ୍ନା ବ୍ୟକ୍ତିତ୍ୱ ଥିଲେ । ବିଂଶ ଶତାବ୍ଦୀର ଆଗଧାଡ଼ିର ଉର୍ଦ୍ଦୁ କବିଙ୍କ ମଧ୍ୟରେ ତାଙ୍କ ନାମ ସାମିଲ । ଦୀର୍ଘ ୬ଦଶନ୍ଧିର କାର୍ଯ୍ୟକାଳ ମଧ୍ୟରେ ନୌସାଦ୍, ମଦନ ମୋହନ, ଏସ୍.ଡ଼ି.ବର୍ମନ, ରୋଶନ୍, ରବି,



ଅନୁପମା ଭୂୟାଁ

ଶଙ୍କର ଜୟକିଶନ୍, ଓ.ପି.ନାୟାର୍, ଉଷା ଖାନ୍ନା, ଲକ୍ଷ୍ମୀକାନ୍ତ ପ୍ୟାରେଲାଲ୍, ଅନୁ ମଲ୍ଲିକ, ଆର.ଡ଼ି.ବର୍ମନ, ରାଜେଶ ରୋଶନ୍, ଆନନ୍ଦ-ମିଲିନ୍ଦ ଓ ଜତିନ୍-ଲଳିତଙ୍କଠୁ ଆରମ୍ଭ କରି ଲେସ୍‌ଲି ଲୁଇସ୍, ଏ.ଆର୍.ରେହମାନ୍‌ଙ୍କ ଭଳି ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ସେ କାମ କରିଛନ୍ତି । ଚଳଚ୍ଚିତ୍ର ଦୋସ୍ତି ପାଇଁ ୧୯୬୫ରେ ଭାରତୀୟ ସିନେମାରେ ସର୍ବୋଚ୍ଚ ଫିଲ୍ମଫେୟାର ପୁରସ୍କାର ଶ୍ରେଷ୍ଠ ଗୀତିକାର ସମ୍ମାନରେ ତାଙ୍କୁ ଅଳଙ୍କୃତ କରାଯାଇଥିଲା । ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପି ଅବଦାନ ପାଇଁ ଦାଦାସାହେବ୍ ଫାଲ୍‌କେ ସମ୍ମାନର ମଧ୍ୟ ଅଧିକାରୀ ହୋଇଥିଲେ ମଜରୁହ୍ ସୁଲତାନପୁରୀ । ଆନନ୍ଦ ମିଲିନ୍ଦଙ୍କ ସହ ତାଙ୍କର ଅଧିକାଂଶ କାମ ଆଜି ବି ସିନେପ୍ରେମୀଙ୍କ ହୃଦୟର ଅତି ନିକଟରେ । ତନ୍ମଧ୍ୟରୁ କୟାମତ୍ ସେ କୟାମତ୍ ତକ୍, ଲାଲ ଦୁପଟା ମଲ୍‌ମଲ୍ କା, ଲଭ୍, କୁର୍ବାନ୍ ଓ ଦହେକ ଅନ୍ୟତମ । ଜତିନ ଲଳିତଙ୍କ ସହ ଯୋ ଜିତା ୱହି ସିକନ୍ଦର୍‌ରେ ତାଙ୍କ ରଚିତ ପହ୍‌ଲା ନଶା ଏବଂ ୟାରା ଦିଲ୍‌ଦାରାର ବିନ୍ ତେରେ ସନମ୍ ଗୀତରେ ଆଜି ବି ମତୁଆଲା ହୁଅନ୍ତି ଯୁବପିଢ଼ି । ୧୯୧୯ ଅକ୍ଟୋବର ୧ ତାରିଖ ଦିନ ଉଲତ୍ତରପ୍ରଦେଶର ସୁଲତାନପୁରରେ ଜନ୍ମ ଗ୍ରହଣ କରିଥିଲେ ମଜରୁହ୍ ସୁଲତାନପୁରୀ ।

*‘ସାଇବିଥି’ ୭ଡି/୧୩୫୪,*
*ସେକ୍ଟର-୯, ସିଡିଏ, କଟକ*

# ତୁଳସୀ ମାହାତ୍ମ୍ୟ





ହିନ୍ଦୁ ପରମ୍ପରାରେ ପ୍ରତିଟି ଘରେ ଠାକୁର ଘରଟିଏ ଥାଏ । ସ୍ଥାନାଭାବେ କାନ୍ଥରେ ଠାକୁରଙ୍କର ଚିତ୍ର ପ୍ରତିମାଟିଏ ଝୁଲୁଥାଏ ଅଥବା କାନ୍ଥର ଠଣାରେ ବା କାଠର ଖଟୁଲିଟିଏ କାନ୍ଥରେ ଲଗାଇ ଠାକୁରଙ୍କର ମୂର୍ତ୍ତି ବା ଶାଳଗ୍ରାମ ରଖି ପୂଜା କରିବା କଥା ଚଳିଆସୁଛି । ଘରେ ଠାକୁର ବେଳେ ବାରିଆଡ଼େ କି ଦାଣ୍ଡପଟେ ଚଉରାରେ ତୁଳସୀ ପୂଜା ତିନିଶହ ପଂଚଷଠି ଦିନ ଚାଲିଥାଏ । ତୁଳସୀ ଗଛକୁ ଗୋଟିଏ ବୃକ୍ଷ ପୂଜାର ମାନ୍ୟତା ଦେଇ ଯେତିକି ପୂଜା କରାନଯାଏ, ଧର୍ମଧାରଣାରୁ ବ୍ୟକ୍ତିଗତ ବିଚାରକୁ ଜଣେ କୃଷ୍ଣପ୍ରିୟା ବୈଷ୍ଣବୀ ଦେବୀ ରୂପେ ପୂଜା କରାଯାଏ । ‘ତୁଳସୀ’ଙ୍କର ଅନ୍ୟନାମ ବୃନ୍ଦାବତୀ । ବୃନ୍ଦାବତୀ ଓ ତୁଳସୀ ଯଥାକ୍ରମେ ପୂର୍ବ ଜନ୍ମ ଏବଂ ପରଜନ୍ମ ସଂପର୍କିତ ବା ସମ୍ବନ୍ଧିତ କାହାଣୀ । ବୃନ୍ଦାବତୀ ଜନ୍ମରେ ନାରାୟଣଙ୍କ ସହିତ ଏବଂ ତୁଳସୀ ପରବର୍ତ୍ତୀ ସମ୍ବନ୍ଧେ କୃଷ୍ଣଙ୍କ ସହିତ ବିବନ୍ଧିତ । ପ୍ରଥମଟି କାରଣ ଏବଂ ଦ୍ୱିତୀୟଟି ଭକ୍ତି ବା ପ୍ରେମ ଜନିତ ହେତୁ ଯଥାର୍ଥରେ କୁହାଯାଇଛି: ***ଆଗୋ ତୁଳସୀ ଦେବୀ, ଅଟୁ ଶ୍ରୀକୃଷ୍ଣ ପ୍ରାଣ ବଲ୍ଲଭୀ ଗୋ....*** ***//*** ତୁଳସୀଙ୍କର ପୂର୍ବ ଜନ୍ମର ନାମ ଥିଲା ବୃନ୍ଦାବତୀ । ସେ ଥିଲେ ଜଣେ ପରମାସୁନ୍ଦରୀ, ସତୀ, ସ୍ୱାଧୀ ଏବଂ ମହତୀ ନାରୀ । ରାକ୍ଷସ ଜଳନ୍ଧର ଥିଲେ ତାଙ୍କ ସ୍ୱାମୀ । ବୃନ୍ଦାବତୀଙ୍କର ସତୀତ୍ୱ ପ୍ରଭାବରୁ ଜଳନ୍ଧର ଥିଲା ଅତ୍ୟନ୍ତ ପରାକ୍ରମଶାଳୀ ଏବଂ ଅଜେୟ । ସେ ସ୍ୱର୍ଗ, ମର୍ତ୍ତ୍ୟ ଏବଂ ପାତାଳପୁରୀକୁ ନିଜ ପାଦତଳେ ରଖିବାକୁ ମନସ୍ଥ କଲା । ସେଥିପାଇଁ ଚଳାଇଲା ଯୁଦ୍ଧ, ଦେବ, ମାନବ ଏବଂ ତାକୁ ବିରୁଦ୍ଧ କରୁଥିବା ଦାନବଙ୍କ ବିରୁଦ୍ଧରେ । ଏଥିରେ ଦେବତାମାନେ ଅତ୍ୟନ୍ତ ଅତିଷ୍ଠ ହୋଇ ପଡ଼ିଲେ । ସେମାନେ ବିଷ୍ଣୁଙ୍କ ପାଖିରେ ପହଞ୍ଚି ନିବେଦିଲେ ଯେ ସେ ଏଥିକୁ କିଛି କରନ୍ତୁ । ଏବେ ବିଷ୍ଣୁ ସ୍ୱୟଂ ଗଲେ । ଜଳନ୍ଧର ସହିତ ତାଙ୍କର ତୁମୁଳ ସଂଗ୍ରାମ ହେଲା । ସମକକ୍ଷ ଯୋଦ୍ଧା । କେହି କାହାକୁ ହରାଇ ପାରିଲେ ନାହିଁ । ବିଷ୍ଣୁ ଦେଖିଲେ, ଏମିତି ତାକୁ ବଧ କରି ହେବ ନାହିଁ । ସେ ଛଳକରି ଜଳନ୍ଧର ସହିତ ବନ୍ଧୁତ୍ୱର ପ୍ରତିଶ୍ରୁତିରେ ଲକ୍ଷ୍ମୀଙ୍କ ସହିତ ତା’ ଘରେ ଏକ ପ୍ରକାର ବନ୍ଦୀ ହେଲେ । ଏପଟେ ବିଷ୍ଣୁଙ୍କ ଅନୁପସ୍ଥିତିରେ ଦେବ ଗଣଙ୍କର ଭାଳେଣି ପଡ଼ିଲା ।

ବିଷ୍ଣୁ ଜାଣିଥିଲେ ଯେ ବୃନ୍ଦାବତୀଙ୍କର ସତୀତ୍ୱର ପରାକାଷ୍ଠା ଯୋଗୁଁ ଜଳନ୍ଧର ଏଯାବତ୍ ଅବଧ୍ୟ ହୋଇ ରହିଯାଇଛି । ସେ ସତୀତ୍ୱ ହରାଇଲେ



ଜଳନ୍ଧର ବଧ ହେବ । ସେ ନିଜେ ତାହାହିଁ କରିବେ । ତେବେ କେବେ ? କେମିତି ? କୋଉ କାରଣକୁ ବା ଆଳକୁ ? ସେ ସୁଯୋଗକୁ ଅପେକ୍ଷା କଲେ ।

ସେପଟେ ଦୁଷ୍ଟ ଜଳନ୍ଧର ପାର୍ବତୀଙ୍କର ଅପରୂପ ଏବଂ ଅନୁପମ ସୌନ୍ଦର୍ଯ୍ୟ ସଂପର୍କରେ ସୁରାକ ପାଇଲେ । ପାର୍ବତୀଙ୍କୁ ପାଇବା ଉଦ୍ଦେଶ୍ୟରେ ଛଦ୍ମବେଶୀ ଶିବରୂପ ଧାରଣ କରି ବୃଷଭ ଚଢ଼ିଗଲେ । ତାକୁ ଦେଖୁ ଦେଖୁ ପାର୍ବତୀ ତାକୁ ଚିହ୍ନିପାରିଲେ ଏବଂ ନିଜକୁ ବଂଚାଇବାର ଉପାୟ ଚିନ୍ତାକଲେ । ଏଣେ ପାର୍ବତୀଙ୍କୁ ଦେଖୁ ଦେଖୁ ଜଳନ୍ଧର ଅତୀବ ଉନ୍ମାଦରୁ ହୀନବଳ ହୋଇଗଲା ଏବଂ ସେ ବୃଷଭ ଉପରୁ ଭୂପତିତ ହୋଇ ଚେତା ହରାଇଲା । ଇତିମଧ୍ୟରେ ପାର୍ବତୀ ନିବୃତ୍ତି ନେଇ ନିଜକୁ ଗୋପନ ରଖିଲେ । ଏଥର ବିଷ୍ଣୁ ସୁଯୋଗ ନେଲେ । ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବୃନ୍ଦାଙ୍କ ସତୀତ୍ୱ ହରଣ ପାଇଁ ପ୍ରସ୍ତୁତ ହେଲେ । ପୁନଶ୍ଚ ବେଳକୁ ଯେସାକୁ ତେସା ନୀତି ପ୍ରଯୁଜ୍ୟ ଅଟେ:

*“ସେ ଯେଉଁ ରୂପେ ଅପରାଧୀ । ଆମ୍ଭେ କରିବା ସେହି ବୁଦ୍ଧି ॥*
*ତା’ର ଯୁବତୀ ସଦାଚାରେ । ଦୈତ୍ୟ ଅକ୍ଷୟ ତିନିପୁରେ ॥*
*ତାହା କରିବୁ ଆମ୍ଭେ ନାଶ । ତେବେ ମରିବ ସିନ୍ଧୁ ଶିଷ୍ୟ ॥*
*ଏତେକ କହି ଭଗବାନ । ସେଠାରୁ ହେଲେ ଅନ୍ତର୍ଦ୍ଧାନ ॥”*

ଏହାପରେ ବିଷ୍ଣୁ ଛଦ୍ମବେଶରେ ଜଳନ୍ଧର ରୂପେ ଗଲେ ଏବଂ ବୃନ୍ଦାଙ୍କର ସତୀତ୍ୱ ଅପହରଣ କଲେ:

*“ବିଷ୍ଣୁ ଜଳନ୍ଧର ଗତ୍ୱା ତଦ୍ଦୈତ୍ୟ ପୁଟ ଭେଦନଂ । ପତିବ୍ରତସ୍ୟ ଭଙ୍ଗାୟ ବୃନ୍ଦାୟଶ୍ଚ କୋରନନ୍ମୀତଃ ॥”*

ସହବାସର ତନ୍ଦ୍ରାଭଗ୍ନ ପରେ ବୃନ୍ଦା ଦେଖନ୍ତି ଯେ ଯିଏ ତା’ର ପ୍ରେମ ବନ୍ଧନରେ ମୋହଗ୍ରସ୍ତ ଥିଲା, ସେ ତା’ ସ୍ୱାମୀ ନୁହନ୍ତି । ସ୍ୱୟଂ କୋଟି କନ୍ଦର୍ପଧାରୀ ନାରାୟଣ । ସେ ସତୀ । ସତୀ ପାଖରେ ନାରାୟଣ ତୁଚ୍ଛ । ସତୀ ନାରୀ ପାଇଁ ପତି ବିନା ନାହିଁ ଅନ୍ୟଗତି । ସେ ବିଷ୍ଣୁଙ୍କୁ ଧିକ୍‌କାରିଲା ଏବଂ ଅଭିଶାପ ଦେଲା:

ତା’ ଦେଖି ବୃନ୍ଦା କଲା କୋପ । ବୋଇଲା ଧିକ ତୋ’ର ରୂପ ॥
କପଟ କରିଲୁ ମୋ ତପ । ଏବେ ତୁ ଘେନ ମୋର ଶାପ ॥
ତୋର ଭାରିଯା ନାମ ଶିରୀ । ତାକୁ ଅସୁରେ ନେବେ ହରି ॥
ମୋତେ ହରିଲୁ ଯେଉଁ ବେଗେ । ସେହି ପ୍ରକର ତୋର ଆଗେ ॥ ଇତ୍ୟାଦି

ଏହାହିଁ ଘଟିଥିଲା ରାମ ଅବତାରେ ତ୍ରେତେୟା ଯୁଗରେ ବିଷ୍ଣୁଙ୍କ ପାଇଁ । ତେବେ ଜଳନ୍ଧର ବଧ ହେଲା । ତିନିପୁର ଆଶ୍ୱସ୍ତି ହେଲେ । ଜଳନ୍ଧର ଅନୁପସ୍ଥିତିରେ ବିଶେଷକରି ଏ ପାପ ଶରୀରରେ ବୃନ୍ଦା ବଞ୍ଚିବାକୁ ଉଚିତ୍ ମନେକଲେ ନାହିଁ । ସେ ବିଷ୍ଣୁଙ୍କ ସମ୍ମୁଖରେ ଅଗ୍ନିରେ ଝାସ ଦେଲେ ।

ସେ ଆତ୍ମା ଅନ୍ତରୀକ୍ଷେ ଯାଇ ତିନିଭାଗ ହେଲା । ସେଥିରୁ ଗୋଟିଏ ଭାଗ ପାର୍ବତୀଙ୍କ ଦେହରେ ଠାବ ହେଲା । ଆଗରୁ ଜଳନ୍ଧର ଶିବବ୍ରତ ହେତୁ ତା’ ଆତ୍ମା ରୁଦ୍ରଙ୍କଠାରେ ଠାବ ହୋଇଥିଲା ।

*“ସେ ଆତ୍ମା ଅନ୍ତରୀକ୍ଷେ ଯାଇ । ତ୍ରିଗୁଣେ ତିନି ଭାଗ ହୋଇ ॥*
*ମନେ ଯେତକ ତମ କଲା । ସେ ଭାବ ଲକ୍ଷ୍ମୀ ଦେହେଗଲା ॥*
*ସେ ତା’ର ରଜଗୁଣ ଭାବ । ଶାରଦା ଅଙ୍ଗେ ହେଲା ଠାବ ॥*
*ସାତ୍ତ୍ୱିକ ଭାବ ଯେତେ ହୋଇ । ଗଉରୀ ଅଙ୍ଗରେ ସମ୍ଭାଇ ॥”*

ଅର୍ଥାତ୍ ବୃନ୍ଦାବତୀଙ୍କ ଆତ୍ମା ସତ୍ତ୍ୱ, ରଜ ଏବଂ ତମ ଗୁଣ ବିଶିଷ୍ଟ ତିନିଭାବ ହେଲା । ଏହି ତିନି ବୀଜ ତିନି ବୃକ୍ଷ ହେଲେ । ‘ତମ’ ଗୁଣରୁ ‘ମାଳତୀ’ ମର୍ତ୍ତ୍ୟ ବାସିନୀ, ଅଁଳା ବା ଧାତ୍ରୀ ବୃକ୍ଷ ରଜଗୁଣ ବିଶିଷ୍ଟ ଏବଂ ସତ୍ତ୍ୱ ଗୁଣ ବିଶିଷ୍ଟ ହେଉଛନ୍ତି ତୁଳସୀ । କେବଳ ତୁଳସୀ ତ୍ରିପୁର ବାସିନୀ । ଧାତ୍ରୀ ଉଭୟ ମର୍ତ୍ତ୍ୟ ଓ ସ୍ୱର୍ଗଲୋକ ବାସିନୀ । ସତୀର ସତୀତ୍ୱର ଅପଭ୍ରଷ୍ଟ ଜନିତ କାରଣରୁ ବୃନ୍ଦାଙ୍କ ପ୍ରତି କୃଷ୍ଣଙ୍କର ଏହା ଅନୁକମ୍ପା ନୁହେଁ । ନିଜସ୍ୱ ମୁକ୍ତି ପାଇଁ ସତୀ ପୂଜା । ତିନୋଟିଯାକ ବୃକ୍ଷ ପୂଜନର ଫଳ ନିଶ୍ଚିତଭାବେ ସୁଦୂର ପ୍ରସାରୀ । ତେବେ ତୁଳସୀ ସଂପର୍କରେ ବିଷ୍ଣୁ ଯାହା କହିଛନ୍ତି :

ଏବେ ତୁଳସୀ ଧର୍ମ ଶୁଣ । ସେ ବୃନ୍ଦ ସାତ୍ତ୍ୱିକ ଲକ୍ଷଣ ॥
ହୋଇବ ତ୍ରିଲୋକ ପ୍ରସିଦ୍ଧି । ମୋର ସମାନେ ପୂଜାବିଧି ॥
ପାଇବ ସକଳ ଲୋକରେ । ବିଶେଷ କାର୍ତ୍ତିକ ମାସରେ ॥
ପାଳନେ ସର୍ବତୀର୍ଥ ଧର୍ମ । ଦର୍ଶନେ ସର୍ବଇଷ୍ଟ କାମ ॥
ତୁଳସୀ ପ୍ରଦକ୍ଷିଣ କଲେ । ପୁଣ୍ୟ ( ? ) ଅନ୍ୟ ତୀର୍ଥଗଲେ ॥
ଅଶେଷ କ୍ଷେତ୍ର ତୀର୍ଥ’ଳ । କ୍ଷଣକେ ପାଇବ ସକଳ ॥
ସନ୍ଧ୍ୟା ସମୟେ ଯେଉଁ ଜନ । ତୁଳସୀ ମୂଳେ ଦୀପଦାନ ॥
ଶ୍ରଦ୍ଧାରେ ବସାଇବ ନୀତି । ଅଗ୍ନି ସମାନ ତା’ର ଜ୍ୟୋତି ॥
ଯା ଗୃହେ ତୁଳସୀ କାନନ । ଥିବ ମନ୍ଦିର ସନ୍ନିଧାନ ॥
ତେଣେ ନଯିବ ଯମଦୂତ । ତୁମ୍ଭଙ୍କୁ କହୁଅଛୁ ସତ୍ୟ ॥
ମୃତ୍ୟୁ କାଳରେ ଯେଉଁ ଜନ । ତୁଳସୀ ନିକଟ ଶୟନ ॥
ତୁଳସୀ ଜଳ ଥିବ ମୁଣ୍ଡେ । ଉଦକ ହେଉଥିବ ତୁଣ୍ଡେ ॥
ପିଣ୍ଡରୁ ପ୍ରାଣ ଛାଡ଼ିଯିବ । ସେ ଆସି ମୋ ସଂଗେ ମିଶିବ ॥
ଅତ୍ୟନ୍ତ ପାପୀ ହୋଇଥିବ । ଅକାଳେ ଅଜ୍ଞାନ ମରିବ ॥
ତା’ ମୃତ୍ୟୁ ପିଣ୍ଡ ଦଗ୍ଧକାଳେ । ତୁଳସୀ କାଠ ଯେବେ ମିଳେ ॥
ଦହନେ ପକାଇଲେ ନେଇ । ତା’ ଆତ୍ମା ଯିବ ମୋକ୍ଷ ହୋଇ ॥
ବିଶେଷ କାର୍ତ୍ତିକ ମାସରେ । ତୁଳସୀ ସେବା କରିନରେ ।
ଲଭିବେ କୈବଲ୍ୟ ମୁକତି । ଖଣ୍ଡିବେ ଅଶେଷ ବିପତ୍ତି ॥
ତୁଳସୀ ମୂଳେ ଉଦ୍ୟାପନ । ଯେ କରେ କାର୍ତ୍ତିକ ବିଧାନ ॥
ସେଜନ ବୈକୁଣ୍ଠ ପୁରେ । ଆସ ମିଳିବ ଦେହାନ୍ତରେ ॥
କାର୍ତ୍ତିକେ ଧାତ୍ରୀ ବୃକ୍ଷ ତଳେ । ହବିଷ ଅନ୍ନ ଏକାବେଳେ
ଯେ ଜନ କରିବ ଭୋଜନ । ତା’ ପାପ ହୋଇବ ଦହନ ॥
ଅଁଳା, ତୁଳସୀ ମାଳତୀ । ଏତିନି ମୋର ପ୍ରିୟବତୀ ।
ବିଶେଷ ତୁଳସୀ ପ୍ରଧାନ । ସଂସାରେ ମୋପରି ସମାନ ॥
ତୁଳସୀ ବିନା ଯେତେ ଭୋଗ । ମୋତେ ନୁହଇ ଉପଯୋଗ ॥
ତୁଳସୀ ଜଳେ ମୋତେ ପୂଜି । ତୁଳସୀ ଘେନ ମୋତେ ଭଜି ॥
ତୁଳସୀ ଦେବ ମୋର ଜଳେ । ପ୍ରାଣୀ ବସିବ ମୋର ପୁରେ ॥

*-କାର୍ତ୍ତିକ ମାହାତ୍ମ୍ୟ : ପଦ୍ମପୁରାଣ ।*

ସଂକ୍ଷେପରେ ତୁଳସୀ ବିଷ୍ଣୁଙ୍କର ପ୍ରିୟବତୀ । ସେ ବିଷ୍ଣୁଙ୍କ ସହିତ ସମାନ । ଏକଥା ସେ ବିଷ୍ଣୁଙ୍କ ଦ୍ୱାରା ଅନୁଗୃହୀତ ହୋଇଛନ୍ତି । କାର୍ତ୍ତିକ ବ୍ରତ ବିଷ୍ଣୁ ପୂଜା ହେତୁ, ତୁଳସୀଙ୍କର ଗୁରୁତ୍ୱ ଏ ମାସରେ ଅଧିକ । ତାଙ୍କ ପୂଜା ହିଁ ବିଷ୍ଣୁ ପୂଜା । ଅନ୍ୟ ଅର୍ଥରେ ତୁଳସୀଙ୍କ ମାଧ୍ୟମରେ କୃଷ୍ଣ ପ୍ରାପ୍ତି । “ସକଳତୀର୍ଥ ତୋ’ ଚରଣେ, ବଦ୍ରିକା ଯିବ କି କାରଣେ” ନ୍ୟାୟରେ ତୁଳସୀ ହିଁ ଏକ ଗୃହସ୍ଥ ପାଇଁ ଧ୍ୟେୟ ଓ ଧାରଣା, ମୁକ୍ତିର ମାର୍ଗ; ସକଳ ପାପର ଖଣ୍ଡନକାରୀ । ସେଥିପାଇଁ ଆମ ପରମ୍ପରା ଓ ଧର୍ମରେ ସକଳ ଗୃହ ପ୍ରାଙ୍ଗଣରେ ଅଥବା ମଠ ମନ୍ଦିରେ ତୁଳସୀ ପୂଜିତ ହୋଇ ଆସୁଛନ୍ତି । ସେ ପୂଜ୍ୟା ଏହାହିଁ ଧର୍ମ କଥାରେ ତୁଳସୀ ପୂଜନର କାହାଣୀ :

*“ତୁଳସୀ ସର୍ବ ଭୂତାନାଂ ମହାପାତକ ନାଶିନୀ ।*
*ତ୍ୱତମୂଳେ ସର୍ବେ ତିର୍ଥାନୀ, ତ୍ୱତମେଂ ସର୍ବ ଦେବାନା ।”*

ମୁଖ୍ୟ କଥା ଏହି ଯେ, କାର୍ତ୍ତିକ ମାହାତ୍ମ୍ୟ: ପଦ୍ମ ପୁରାଣମତେ ତୁଳସୀ ଧର୍ଷିତା ସତ୍ତ୍ୱେ ଅପବିତ୍ରା ନୁହଁନ୍ତି । ଧର୍ଷଣ ମୁଠାଏ ମାଟି ବା ଦେହପ୍ରତି ଏକ ଅତ୍ୟାଚାର । ଏହା ଇଚ୍ଛାବିରୁଦ୍ଧଜନିତ ଏକ ପାପ । ଯେଉଁଥିପାଇଁ ବିଷ୍ଣୁଙ୍କୁ କେତେବଡ଼ ବୋଝ ମୁଣ୍ଡାଇବାକୁ ହେଲା ଏବଂ ତୁଳସୀ ପୂଜା ଯେ ତାଙ୍କ ପୂଜା ସହିତ ସମାନ ବୋଲି ବିଚାର କରାଗଲା । ବିଷ୍ଣୁ ଏ ଅପରାଧ କରିନଥିଲେ, ବୃନ୍ଦା ବା ତୁଳସୀଙ୍କୁ ଚିହ୍ନେ କିଏ ? ଚରିତ୍ରଜନିତ ଅପସଂସ୍କୃତି ଓ ସ୍ଖଳନ ରୋକିବାରେ ତଥା ଶୃଙ୍ଖଳିତ ପାରିବାରିକ ଦାମ୍ପତ୍ୟ ଜୀବନଯାପନ ଏବଂ ସମାଜ ଗଠନ କରିବାକୁ ତୁଳସୀ ପୂଜା ଏକ ଅମୂଲ୍ୟ ଉପହାର ।

ଆଇନଷ୍ଟାଇନଙ୍କ ମତରେ ଯେଉଁ ଧର୍ମ ବିଜ୍ଞାନ ସମ୍ମତ ବା ଭିତ୍ତିକ ନୁହେଁ, ତାହା ଅନ୍ଧ ବିଶ୍ୱାସରେ ପରିଣତ ହୋଇଯାଏ । ତୁଳସୀ ସାହାଯ୍ୟରେ (ଈଶ୍ୱରଙ୍କୁ ବାଦଦେଲେ), ତୁଳସୀକୁ ଏକ ବୃକ୍ଷ ହିସାବରେ ପୂଜା କରିବାରେ ଏହାର ଯଥାର୍ଥତା ବିଜ୍ଞାନ ଦୃଷ୍ଟିରୁ ଠିକ୍ ନା’ ଭୁଲ ବିଚାରିବା କଥା ।

‘ଈଶ୍ୱର’ଙ୍କୁ ଆବିଷ୍କାର କରିବା ପୂର୍ବରୁ ମଣିଷ ଥିଲା ଓ ଅଛି ପ୍ରକୃତିର ସନ୍ତାନ । ପ୍ରକୃତିର ବାୟୁ, ପାଣି, ମାଟି (ବାପା ମା) ସୂର୍ଯ୍ୟାଲୋକ ପରିବେଶର ଉଦ୍‌ଭିଦ୍ ଓ ପ୍ରାଣୀ ତା’ ଜୀବନର ନିୟମାଙ୍କ ଥିଲେ ଓ ଅଛନ୍ତି । ସେ ଥିଲା ପ୍ରକୃତି ଉପାସକ । ଏହାହିଁ ସତ୍ୟ । ପରବର୍ତ୍ତୀ ସମୟରେ ଈଶ୍ୱରଙ୍କ ଆବିଷ୍କାର ପରେ ଯେଉଁ କାଳ୍ପନିକ/ସତ୍ୟ ଶକ୍ତି ତା’ ଜୀବନ କ୍ଷେତ୍ରରେ ପ୍ରବେଶ କଲେ ସେମାନେ ହେଲେ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର ଇତ୍ୟାଦି ୩୩ କୋଟି ଦେବତା । ଏମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ବୃକ୍ଷ ବା ସ୍ଥାବର ଶକ୍ତିକୁ ପ୍ରତିନିଧିତ୍ୱ କରନ୍ତି । ଯେମିତି ବରଗଛ ବିଷ୍ଣୁଙ୍କୁ; ଓସ୍ତଗଛ ମହାଦେବଙ୍କୁ; ନିମ୍ବଗଛ ଜଗନ୍ନାଥଙ୍କୁ... ଇତ୍ୟାଦି । ସେମିତି ତୁଳସୀ ଗଛ ବୃନ୍ଦାବତୀଙ୍କୁ । ଏହାହିଁ ପ୍ରଥମତଃ ପ୍ରକୃତି ଓ ଧର୍ମର ସମନ୍ୱୟ । କହିବା ବାହୁଲ୍ୟ ଯେ ଗୋଟିଏ ବରଗଛ ଦିନକୁ ଯେତିକି ଶୀତଳତା ଦିଏ, ତାହା ୨୦୦୦ ରେଫ୍ରିଜେରେଟର ସହ ସମାନ, ତା’ ଜୀବଦ୍ଦଶାରେ ଦେଉଥିବା ଅମ୍ଳଜାନର ପରିମାଣ ସାଂପ୍ରତିକ ମୂଲ୍ୟରେ ୩୦କୋଟି ଟଂକା ସହିତ ସମାନ । ପ୍ରତ୍ୟେକ ଗଛ ଦିବା-ରାତ୍ର ଅମ୍ଳଜାନ ଦିଅନ୍ତି ନାହିଁ । ନିମ୍ବ ଏବଂ ଓସ୍ତ ପରି କିଛି ବୃକ୍ଷ ଦେଇଥାନ୍ତି । ଅମ୍ଳଜାନ ବିନା ଦହନ ଓ ଜୀବନ ଅସମ୍ଭବ । ନିମ୍ବର ଅତ୍ୟଧିକ ଉପକାରିତା ହେତୁ ସେ ସାଜିଛି ଦାରୁଦେବତା । ଉପକାରର ମାତ୍ରା ନେଇ ଗଛଟିଏ ପୂଜା ପାଏ । ଧର୍ମକୁ ବାଦଦେଇ ଯଦି ଆମେ ତୁଳସୀ ଗଛ କଥା ବିଚାରିବା ଏହାର ଔଷଧୀୟ ଗୁଣର ପଟାନ୍ତର ନାହିଁ । ଶରୀର ଥିଲେ ଶ୍ରମ ଦେଇ ଅର୍ଜନ, ଜୀବନ । ଧର୍ମ ଶାସ୍ତ୍ରରେ ଯେଉଁ ବିଜ୍ଞାନ କଥା କୁହାଯାଇଛି ବିଚାରନ୍ତୁ; ମୂଳେ ତୋର ଗଙ୍ଗା, ଡାଳେ ତୋର ବିଷ୍ଣୁ, ପତ୍ରେ ଦେବତାଙ୍କ ବାସ । ସେ ପତ୍ର ପଡ଼ିଲେ ମଣୋହି ହୁଅଇ କହଇ ଗୋଲକ ଦାସ ॥

ଅର୍ଥାତ୍ ତୁଳସୀ ମୂଳରେ ଜଳ ଗଙ୍ଗାପରି ପବିତ୍ର ହଜମକାରୀ । ତା’ ଡାଳେ ବିଷ୍ଣୁ ଥା’ନ୍ତି ଅର୍ଥାତ୍ ଡାଳରେ ମାଳକରି ପିନ୍ଧିଲେ ଚର୍ମରୋଗ ହୁଏ ନାହିଁ; ପତ୍ରରେ ଦେବତା ବାସ କହିଲେ ତା’ ପତ୍ର ସେବନରେ କାଶ, ଶ୍ୱାସ ଏବଂ ଶର୍ଦ୍ଦି ଇତ୍ୟାଦି ହୁଏନାହିଁ । ପୁନଶ୍ଚ ତା’ ପତ୍ରରେ କର୍ପୁର ଥିବାରୁ ଖାଦ୍ୟ ପଦାର୍ଥରେ ପକାଇଲେ କୀଟମାନେ ବସନ୍ତି ନାହିଁ । ଏଣୁ ମଣୋହି ବା ଭୋଜନ ଯୋଗ୍ୟ । ବାଡ଼ିରେ ତୁଳସୀ ଗଛଥିଲେ, ରୋଗସୃଷ୍ଟିକାରୀ ଜୀବାଣୁମାନେ ଆସନ୍ତି ନାହିଁ । ସାପ ଘରେ ପ୍ରବେଶ କରନ୍ତି ନାହିଁ, କାଛୁ, କୁଣ୍ଡିଆ, ଯାଦୁ, ବିରୁଡ଼ି, ମହୁମାଛି କାମୁଡ଼ା ଅନ୍ୟାନ୍ୟ କୀଟଙ୍କ ଦଂଶନ ଇତ୍ୟାଦି ପାଇଁ ତୁଳସୀ ଏକ ରୋଗ ନିବାରଣକାରୀ ଔଷଧ; ନିର୍ଦ୍ଦିଷ୍ଟ ଅନୁପାତରେ ଏହା ବିଭିନ୍ନ ଦ୍ରବ୍ୟ ସହିତ ମିଶି ଦୁରାରୋଗ୍ୟ ଔଷଧ ତିଆରିରେ ବ୍ୟବହୃତ ହୁଏ । ଅସୁମାରୀ ଏହାର ଉପକାରୀ ଗୁଣ । ଏଣୁ ଯଥାର୍ଥରେ କୁହାଯାଇଛି: ବରଦା ଭବ ଶୋଭନେ । ଉପସଂହାରରେ ଏତିକି କୁହାଯାଇ ପାରେଯେ ଧର୍ମ ଦୃଷ୍ଟିରୁ ହେଉ ବା ବିଜ୍ଞାନ ଦୃଷ୍ଟିରୁ ତୁଳସୀ ହିଁ ଆରାଧ୍ୟା ଏବଂ ନମସ୍ୟା ।

**-ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ: ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୪୧୩୮**




# ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ କଂଗ୍ରେସର ବିରୋଧ

ରାଉରକେଲା (ପିଏନ୍): ରାଉରକେଲା ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ତୀବ୍ର ବିରୋଧ କରାଯାଇଛି । ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ସୃଷ୍ଟି କରାଯିବ ବୋଲି କଂଗ୍ରେସ ତରଫରୁ ଚେତାବନୀ ଦିଆଯାଇଛି । ଗତ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତି ବିରୋଧରେ ଏକ ପ୍ରତିବାଦ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସେକ୍ଟର-୧୯ ଆମ୍ବାଗାନ ଛକଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମକୁ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଏଆଇସିସି ସହଯୋଗୀ ସଦସ୍ୟ ରାଜକୁମାର ଯାଦବ, ପିସିସିର ପୂର୍ବତନ ସମ୍ପାଦକ ରଶ୍ମିରଂଜନ ପାଢୀ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାର ସିଂହ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ରର ବିଜେପି ସରକାର ଆଇଜିଏଚ୍ ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ଘୋଷଣା କରି କେବଳ ସୁପଲ ସ୍ପେସିଆଲିଟି ହସ୍‌ପିଟାଲ କରିବା ରାଉରକେଲାବାସୀଙ୍କ ପ୍ରତି ଏକ ଶକ୍ତ ପ୍ରତାରଣା ଥିଲା ବୋଲି କହିଥିଲେ । ପରବର୍ତ୍ତୀ ସମୟରେ ପିଜି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ପ୍ରତିଶ୍ରୁତି ଦେଇ କେବଳ ଆଇଜିଏଚ୍ ପରିସରରେ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା କରିଥିଲେ । ଏହି ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରାୟ ଦେଢବର୍ଷ ପୂର୍ବରୁ ଉଦ୍‌ଘାଟିତ ହୋଇଥିଲେହେଁ ଅଦ୍ୟାବଧି ତାହା ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ପରନ୍ତୁ ଏହି ହସ୍‌ପିଟାଲକୁ ଏବେ ଘରୋଇ ସଂସ୍ଥା ହାତରେ ଟେକି ଦେବାକୁ ନିଷ୍ପତ୍ତି ନିଆଯାଇ ଆପୋଲୋ ସଂସ୍ଥାକୁ ଏଥିପାଇଁ ମନୋନୀତ କରାଯାଇଥିବାର କୁହାଯାଉଛି ଯାହାକି ରାଉରକେଲାବାସୀଙ୍କ ପାଇଁ ଆଉ ଏକ ଶକ୍ତ ପ୍ରତାରଣା ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । କାରଣ ଘରୋଇ ସଂସ୍ଥା ହାତକୁ ଏହି ହସ୍‌ପିଟାଲ ଚାଲିଗଲା ପରେ ସାଧାରଣ ବର୍ଗର ରୋଗୀମାନେ କେବଳ ଶୋଷିତ ହେବା ସାର ହେବ ବୋଲି ନେତୃବୃନ୍ଦ ଅଭିଯୋଗ କରି ସେଲ୍ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତିରୁ ବିରତ ରହିବା ପାଇଁ ଦାବି କରିଥିଲେ । ତେବେ ସେଲ୍ କର୍ତ୍ତୃପକ୍ଷ ରାଉରକେଲା ତଥା ସୁନ୍ଦରଗଡ ଜିଲ୍ଲାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ଏ ପ୍ରକାର ଜନବିରୋଧୀ ନିଷ୍ପତ୍ତି ନେଇଥିବା ବେଳେ ଶାସକ ବିଜେଡିର ରଘୁନାଥପାଲ୍ଲୀ ଓ ରାଉରକେଲା ବିଧାୟକ ନୀରବ ରହି ଏହାକୁ ସମର୍ଥନ ଦେବା ଘଟଣାକୁ ନେତୃବୃନ୍ଦ ତୀବ୍ର ନିନ୍ଦା କରିଥିଲେ । ଶାସକ ବିଜେଡିର ଦୁଇ ବିଧାୟକ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତିକୁ ଅବିଳମ୍ବେ ବିରୋଧ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେବା ସହିତ ଅନ୍ୟଥା ଆଗାମୀ ଦିନରେ ରଘୁନାଥପାଲ୍ଲୀ ଓ ରାଉରକେଲାବାସୀ ଏହି ଦୁଇ ବିଧାୟକଙ୍କୁ କ୍ଷମା ଦେବେନାହିଁ ବୋଲି କହିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଉପସଭାପତି ଉମେଶ ଶରଣ, ବରିଷ୍ଠ ନେତା ପ୍ରଫୁଲ୍ଲ ପରିଜା, ସୌଭାଗ୍ୟ ସ୍ୱାଇଁ, ବନମାଳୀ ସାହୁ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନା ଓ ରୁକସାନା ବେଗମ, ସମ୍ପାଦକ ଧର୍ମେନ୍ଦ୍ର ପରମାର, ରବୀନ୍ଦ୍ର ନାୟକ ଓ ସୁନୀଲ ସିଂହ, ବ୍ଲକ୍ ସଭାପତି ବିଜୟ ଆପଟ ଓ ରଘୁନାଥ ଦାସ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସେବାଦଳର ବୁଲୁ ଦାସ, ବିଜୟ ପଟ୍ଟନାୟକ, ଝୁନୁ ପଟ୍ଟନାୟକ, ରଘୁନାଥ ପ୍ରଧାନ, ବି.ଏନ୍. ମହାନ୍ତି, ବିଜୟ ବେହେରା, ସୋମନାଥ ପଣ୍ଡା, କୁଅଁରସିଂହ ପିୟୁ, ବନମାଳୀ ବିଶୋୟୀ, ବିକାଶ ସୁନା, ରବି ସିଲ୍କା, ବିଶ୍ୱଜିତ ସାହୁ, ବିଶ୍ୱରଂଜନ ରାଉତ, ରେହେମାନ ଖାନ, ଗୋବିନ୍ଦ ଶାହା, ପ୍ରବୋଧ ଜେନା, ଶୁକଦେବ ବଡାଇକ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଚିତ୍ରକଳା ପ୍ରଦର୍ଶନୀ "ମେଘମହ୍ଲାର" ଉଦ୍‌ଘାଟିତ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଂସ୍କୃତି ଭବନ ପରିସରରେ ଓଡ଼ିଶା ଲଳିତ କଳା ଏକାଡମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ "ମେଘମହ୍ଲାର" ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ପ୍ରଦର୍ଶନୀକୁ ଉଦ୍ଘାଟନ କରଥିବା ବେଳେ ବର୍ଷାଋତୁକୁ ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ସୁନ୍ଦର ସୁନ୍ଦର ଚିତ୍ରର ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ଓଡ଼ିଶାର ୪୫ ଜଣ ଯୁବ ଓ ବରିଷ୍ଠ ଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା ସ୍ଥାନ ପାଇଛି। ଚିତ୍ରଗୁଡ଼ିକ ବର୍ଷାଋତୁର ସୁଦୃଶ୍ୟ ଘଟଣାବଳି, ପର୍ବପର୍ବାଣି, ଗ୍ରାମ୍ୟଜୀବନ, ବର୍ଷାଋତୁରେ ସମୁଦ୍ର ବେଳାଭୂମିର ଦୃଶ୍ୟ, ବର୍ଷାକୁ ଦେଖି ମୟୂରର ନୃତ୍ୟ, ପଦ୍ମପୋଖରୀରେ ନାୟିକା, କାଶତଣ୍ଡୀ ଫୁଲର ଚିତ୍ର, ସାରୁଗଛ ମୂଳରେ ବେଙ୍ଗବେଙ୍ଗୁଲି, ହଂସ ହଂସରାଳୀ, ପକ୍ଷୀଶାବକର ସ୍ନାନ ଓ ନଦୀକୂଳ ଲଙ୍ଘିବାର ଦୃଶ୍ୟକୁ ଶିଳ୍ପୀମାନେ ନିଜର ସୃଜନଶୀଳ ଢ଼ଙ୍ଗରେ ଅଙ୍କନ କରିଥିଲେ ଯାହା ବେଶ୍ ମର୍ମସ୍ପର୍ଶୀ ହୋଇଥିଲା। ଏହି ଅବସରରେ ଏକାଡ଼ମୀର ସଚିବ ପଞ୍ଚାନନ ସାମଲ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଦର୍ଶନୀ ଅବସରରେ ବାଲେଶ୍ୱର ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀଯୁକ୍ତ ଗଗନ ସାହୁ, ଚିତ୍ରଶିଳ୍ପୀ ଅରୁଣ ଜେନା, କେଶୁ ଦାସ, ନିତ୍ୟାନନ୍ଦ ସାହୁ, ପ୍ରତାପ ସିଂହ, ବିଶ୍ୱଜିତ୍ ପରମାଣିକ, ଅରୁଣ ବାରିକ ଓ ପୂର୍ଣ୍ଣେନ୍ଦୁ ପତି ପ୍ରମୁଖ ବହୁ ବରିଷ୍ଠ ଓ ଯୁବଶିଳ୍ପୀମାନେ ଉପସ୍ଥିତ ଥିଲେ। ପ୍ରଦର୍ଶନୀକୁ ଏକାଡ଼ମୀର ମରୁତ ରାଉତ ପରିଚାଳନା କରୁଥିବା ବେଳେ ଏହା ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ଚାଲିବ ବୋଲି ସୂଚନା ଦେଇଥିଲେ।

## ତିନିଟି ଶ୍ରେଣୀକୁ ଦୁଇଜଣ ଶିକ୍ଷକ

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡାସ୍ଥିତ ମା' ଚାଞ୍ଚଖାଇ ଉପ୍ରା ସ୍କୁଲରେ ଶିକ୍ଷକ ଅଭାବରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏହି ସ୍କୁଲରେ ବର୍ତ୍ତମାନ ୨୦୮ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଷଷ୍ଠ ଶ୍ରେଣୀରେ ୭୬ ଜଣ, ସପ୍ତମ ଶ୍ରେଣୀରେ ୮୩ ଜଣ ଏବଂ ଅଷ୍ଟମ ଶ୍ରେଣୀରେ ୪୯ ଜଣ ଛାତ୍ରଛାତ୍ରୀ ଅଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ୩୫ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ରହିବେ । ଏହି ଅନୁପାତରେ ସ୍କୁଲରେ ୬ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ହେଲେ ଏଠାରେ ମାତ୍ର ଦୁଇଜଣ ଶିକ୍ଷକ ଅଛନ୍ତି । ଦୁଇଜଣ ଶିକ୍ଷକ ୩ଟି ଶ୍ରେଣୀକୁ କିପରି ଶିକ୍ଷାଦାନ କରୁଥିବେ ତାହା ସହଜରେ ଅନୁମେୟ । ଏହି ସ୍କୁଲରେ ପୂର୍ବରୁ ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ । ଦୁଇଜଣ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଥିବା ବେଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଷଷ୍ଠ ଶ୍ରେଣୀରେ ଅଧିକ ଛାତ୍ରଛାତ୍ରୀ ଥିବାରୁ ସେମାନେ ଭାଗ ହୋଇ ଦୁଇଟି ଶ୍ରେଣୀଗୃହରେ ବସୁଛନ୍ତି । ଦୁଇଜଣ ଶିକ୍ଷକ ଦୁଇଟି ଶ୍ରେଣୀରେ ପାଠ ପଢାଉଥିବା ବେଳେ ବାକି ଦୁଇଟି ଶ୍ରେଣୀଗୃହରେ ପିଲା ବସି ରହୁଛନ୍ତି । ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକ ଏବଂ ଗ୍ରାମବାସୀ ବ୍ଲକ ଶିକ୍ଷା ବିଭାଗକୁ ବାରମ୍ବାର ଜଣାଇଛନ୍ତି । କିନ୍ତୁ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ । ଏହି ସ୍କୁଲରେ ଜଣେ ଶିକ୍ଷକଙ୍କୁ ଏକ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ୍‌ରେ ପଠାଯାଇଛି । ଉକ୍ତ ବିଦ୍ୟାଳୟରେ ମାତ୍ର ୪୨ଜଣ ଛାତ୍ରଛାତ୍ରୀ ଥିବାବେଳେ ୩ଜଣ ଶିକ୍ଷକ ଅଛନ୍ତି । ଏହାଛଡା ବ୍ଲକର ୪/୫ଟି ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା ତୁଳନାରେ ଅଧିକ ଶିକ୍ଷକ ଅଛନ୍ତି । ଉକ୍ତ ସ୍କୁଲର ଶିକ୍ଷକମାନଙ୍କୁ କାହିଁକି କମ୍ ଶିକ୍ଷକ ଥିବା ସ୍କୁଲରେ ନିଯୁକ୍ତି ଦିଆଯାଉନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କରୋନା କଟକଣା ହଟିବା ପରେ ସ୍କୁଲ ଖୋଲିଛି । କିନ୍ତୁ ଶିକ୍ଷକ ନଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି । ମା' ଚାଞ୍ଚଖାଇ ସ୍କୁଲରେ ଅଧିକ ଦୁଇଜଣ ଶିକ୍ଷକ ନିଯୁକ୍ତି ଦେବାକୁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି ।

# ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସହରରେ ସଫେଇ କାମ ଠପ୍



କେନ୍ଦୁଝର (ପିଏନ୍): କେନ୍ଦୁଝରଗଡ ପୌରପାଳିକାରେ ସଫେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ଜାରି ରହିଛି। ଏଥିନେଇ ପୌରପାଳିକା, ଠିକାସଂସ୍ଥା ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସଫଳ ନହେବାରୁ ଆନ୍ଦୋଳନ ଜାରି ରହିଛି। ସହରରେ ସଫେଇ କାମ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନ ଯୋଗୁଁ ଅନେକ ସ୍ଥାନରେ କୁଢ କୁଢ ଆବର୍ଜନା ପଡିରହିଛି। ଫଳରେ ଚାରିଆଡେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବର୍ଷା ଦିନ ଥିବାରୁ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଆଦି ବ୍ୟାପିବାର ଆଶଙ୍କା ରହିଛି। ପ୍ରତ୍ୟେକ ଦିନ ସହରର ରାସ୍ତାଘାଟ, ହୋଟେଲ, ଲଜ୍ ଓ ବଜାର ଅଞ୍ଚଳରୁ ପାଖାପାଖି ୧୫ ଟ୍ରିପ ଟ୍ରାକ୍ଟର ଅଳିଆ ଆବର୍ଜନା ବାହାରିଥାଏ। ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ଅଳିଆ ଆବର୍ଜନା ଉଠିପାରୁନାହିଁ। ତୁରନ୍ତ ଏହାର କୌଣସି ସମାଧାନ ନ କଲେ ଠିକାସଂସ୍ଥାର ମନୋମୁଖୀ କାମ ତଥା ପୌର ପ୍ରଶାସନର ଠିକାସଂସ୍ଥା ପ୍ରୀତି ଯୋଗୁଁ ଦୀର୍ଘ ବହୁବର୍ଷ ଧରି କାମ କରିଆସୁଥିବା ସଫେଇ କର୍ମଚାରୀଙ୍କ ସମସ୍ୟା ସୃଷ୍ଟି ହୋଇଛି। ତୁରନ୍ତ ସଫେଇ କର୍ମଚାରୀଙ୍କ ଦାବୀ ପ୍ରତି ଗୁରୁତ୍ୱ ଦେଇ ସମାଧାନ ନ କରାଗଲେ ସମସ୍ୟା ଅଧିକ ଜଟିଳ ହୋଇପଡିବ। ସୂଚନାଯୋଗ୍ୟ ଯେ, ଶତାଧିକ ସଫେଇ କର୍ମଚାରୀ ପୌରପାଳିକା ଅଫିସ ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଦାବୀ ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି। ଅନେକ ସଫେଇ କର୍ମଚାରୀଙ୍କୁ ବାହାର କରିଦେବାକୁ ଉଦ୍ୟମ ହେଉଥିବାରୁ ସଫେଇ କର୍ମଚାରୀମାନେ ଏକଜୁଟ ହୋଇ ପ୍ରତିବାଦ କରୁଛନ୍ତି। ଦୀର୍ଘବର୍ଷ ଧରି ସଫେଇ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିବା ସଫେଇ କର୍ମଚାରୀମାନେ ଏବେ କାମ ହରାଇବା ଆଶଙ୍କା କରିଛନ୍ତି। ପୌରାଞ୍ଚଳରେ ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଦୋକାନବଜାର ବଢୁଥିବାରୁ ସଫେଇ ପାଇଁ ଅଧିକ କର୍ମଚାରୀଙ୍କର ଆବଶ୍ୟକତା ରହିଛି। ସଫେଇ କର୍ମଚାରୀମାନେ ଜିଲ୍ଲା ଶ୍ରମ ବିଭାଗକୁ ଯାଇ ଦାବୀପତ୍ର ପ୍ରଦାନ କରିଛନ୍ତି। ତେବେ ଶ୍ରମ ଆଇନ ଅନୁଯାୟୀ ଛଟେଇ କଲେ କୌଣସି କର୍ମଚାରୀଙ୍କୁ ସେମାନଙ୍କର ସମସ୍ତ ପ୍ରାପ୍ୟ ପଇଠ ହୋଇଛି କି ନାହିଁ ସେମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ, ପିଏଫ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଶ୍ରମ ବିଭାଗ ଗ୍ରହଣ କରିବାକୁ ଦାବୀ ହୋଇଛି। ଏ ସଂପର୍କରେ ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଶ୍ରମ ଅଧିକାରୀ ଭରତ ଚନ୍ଦ୍ର ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ।



## ବଜାରରେ ନକଲି ଡିଟରଜେଣ୍ଟ ନେଇ ଜନଅସନ୍ତୋଷ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି ନକଲି ଡିଟରଜେଣ୍ଟପାଉଡର। ଏହାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ବ୍ଲକ ନିକଟରେ ଖଗେଶ୍ୱର ବେହେରା ନାମକ ଜନୈକ ବ୍ୟକ୍ତି ବ୍ଲକ ଛକରେ ଥିବା ଏକ ଦୋକାନରୁ ଏକ ନାମୀ କମ୍ପାନୀର ଡିଟରଜେଣ୍ଟ ପାଉଡର ପ୍ୟାକେଟ କିଣିଥିଲେ। ଏଥିରେ ବାସନ ସଫା କରିବା ବେଳେ ଜାଣିବାକୁ ପାଇଲେ ଯେ ଏହା ନକଲି ବ୍ରାଣ୍ଡର। ଅସଲି ବ୍ରାଣ୍ଡକୁ ନକଲ କରି ସେଥିରେ ନକଲି ଡିଟରଜେଣ୍ଟ ପୂରାଇ ବିକ୍ରି କରାଯାଉଛି। ଏ ନେଇ ସେ ସଂପୃକ୍ତ ଦୋକାନୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଦୋକାନୀ ଜଣକ କହିଥିଲେ ସେ ଏହାକୁ ଅମ୍ବର ମାର୍କେଟ୍‌ରେ ଥିବା ଏକ ହୋଲସେଲ ଦୋକାନରୁ କିଣିକି ଆଣି ଖୁଚୁରାରେ ବିକ୍ରି କରୁଛନ୍ତି। ତେଣୁ ତାଙ୍କର ଏଥିରେ କିଛି ଦୋଷ ନାହିଁ। ଏହାପରେ ବ୍ୟବସାୟୀ ଜଣକ ଯୋଗାଣ ବିଭାଗକୁ ଫୋନ କରି ଏହି ନକଲି ଜିନିଷ ସମ୍ପର୍କରେ ଯାଞ୍ଚ କରିବାକୁ ନିବେଦନ କରିଥିଲେ। କିନ୍ତୁ ଯୋଗାଣ ବିଭାଗ କହିଲା ଏହା ଆମ ବିଭାଗ ପରିସରଭୁକ୍ତ ନୁହେଁ। ଆମେ ଏହାର ଯାଞ୍ଚ କରିପାରିବୁ ନାହିଁ। ଯଦି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ନକଲ କରାଯାଇଥା'ନ୍ତା ତାହାହେଲେ ଆମେ ଚଢାଉ କରିଥାନ୍ତୁ। ଏହ ପୋଲିସର ଦାୟିତ୍ୱ। ପୋଲିସ ଏହି ଘଟଣାର ତଦନ୍ତ କରିପାରିବ। ଏହାପରେ ବ୍ୟକ୍ତି ଜଣକ ଟାଉନ୍ ଥାନା ପୋଲିସକୁ ଜଣାଇଥିଲେ। ହେଲେ ଟାଉନ୍ ଥାନା ପୋଲିସ କହିଥିଲା ଆମେ କିପରି କହିବୁ ଏହା ଅସଲି କି ନକଲି। ଏ ନେଇ ଆମକୁ ଡିଟରଜେଣ୍ଟ ଏକ୍ସପର୍ଟଙ୍କୁ ଡାକିବାକୁ ପଡିବ। ଯାହା ସ୍ଥଳବିଶେଷରେ ସମ୍ଭବ ନୁହେଁ। ଉଭୟ ବିଭାଗରୁ ନିରାଶ ହେବା ପରେ ବ୍ୟକ୍ତି ଜଣକ ଗଣମାଧ୍ୟମକୁ ଘଟଣା ସମ୍ପର୍କରେ ଜଣାଇଥିଲେ। କେନ୍ଦ୍ରାପଡ଼ାରେ ଅନେକ ନକଲି ଜିନିଷ ବିକ୍ରି କରାଯାଉଛି। ହେଲେ ଏହାକୁ ଯାଞ୍ଚ କରାଯାଉ ନ ଥିବାରୁ ଗ୍ରାହକମାନେ ଠକାମୀର ଶିକାର ହେଉଛନ୍ତି। କଟକରେ ଯେଉଁ ଚଢାଉ ହେଉଥିଲା ସେ ସମୟରେ ଏକ୍ସପର୍ଟମାନେ ଉପସ୍ଥିତ ରହି ତାହାକୁ ନକଲି ବୋଲି ପ୍ରମାଣିତ କରୁଥିଲେ। ତେଣୁ ସେଠାରେ ନକଲି ସାମଗ୍ରୀ ଜବତ କରିବା ସମ୍ଭବ ହୋଇଥିଲା। କିନ୍ତୁ ଏଠାରେ ତାହା ଟିକେ କଠିନ କାର୍ଯ୍ୟ ହେବ। କାରଣ ସଂପୃକ୍ତ କମ୍ପାନୀ ଏକ୍ସପର୍ଟଙ୍କୁ ପଠାଇବାରେ ହେଳା କରିପାରେ। ତଥାପି ଆମେ ଏ ନେଇ ଚିନ୍ତା କରୁଛୁ। ଖୁବ୍‌ଶୀଘ୍ର ଚଢାଉ କରି ନକଲି ସାମଗ୍ରୀ ବଜାରରୁ ଜବତ କରିବୁ ବୋଲି ଟାଉନ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।

## ବାହାର ଜିଲ୍ଲା ମାଲିକଙ୍କ ଗାଡିକୁ ବିରୋଧ: ୨ ଘଣ୍ଟା ରାସ୍ତା ଅବରୋଧ



କେନ୍ଦ୍ରାପଡା (ପିଏନ୍): ପାରାଦ୍ୱୀପରୁ ଜିପସମ ପରିବହନ କରୁଥିବା ବାହାର ଜିଲ୍ଲାର ଟ୍ରକକୁ କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକମାନେ ବିରୋଧ କରି ଗାଡି ଅଟକାଇଥିଲେ। କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକ ସଂଘ ଅଭିଯୋଗ କରିଥିଲେ ଯେ ସେମାନଙ୍କୁ ଜିପସମ ପରିବହନ କରିବା ପାଇଁ ଅନୁମତି ମିଳୁନାହିଁ। କିନ୍ତୁ ଜିଲ୍ଲା ବାହାରର ଟ୍ରକକୁ ଏ ନେଇ ଅନୁମତି କିପରି ଦିଆଯାଉଛି ! ଏହି ଅଭିଯୋଗ କରି ୨ ଘଣ୍ଟା ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ବେଲାର ନୂଆଗାଁ ନିକଟରେ ଟ୍ରକଗୁଡିକୁ ଅଟକ ରଖାଯାଇଥିଲା। ଖବର ପାଇ ମାର୍ଶାଘାଇ ଥାନାଧିକାରୀ ପି.କେ. କାନୁନଗୋ, ପାଟକୁରା ଥାନାଧିକାରୀ ସରୋଜ ସାହୁ, ମହାକାଳପଡ଼ା ଥାନାଧିକାରୀ ମନୋରଞ୍ଜନ ଚୌଧୁରୀ, ମେରାଇନ୍ ଥାନାଧିକାରୀ ପରେଶ ଦାସଙ୍କ ସମେତ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ବଳ ପ୍ରୟୋଗ କରି ଅବରୋଧ ହଟାଇଥିଲେ। ଫଳରେ ପରିବହନ ସ୍ୱାଭାବିକ ହୋଇଥିଲା।

## ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଫୁଲନଖରା (ପିଏନ୍)-ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ନଛିପୁର (ଗଙ୍ଗେଶ୍ୱର)ଠାରେ ଥିବା ଶୁଦ୍ଧାନନ୍ଦ ବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପଞ୍ଚଦିବସୀୟ ଯୋଗ କାର୍ଯ୍ୟକ୍ରମରେ ବ୍ରହ୍ମଚାରିଣୀ ମନିଷା ଚୈତନ୍ୟ ଯୋଗଦେଇ ଯୋଗାଭ୍ୟାସର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ବିଦ୍ୟାର୍ଥୀଙ୍କୁ ପ୍ରତ୍ୟେହ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଉଦ୍‌ଯାପନ ଦିବସରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଏସ.ଆର. ପାଣିଗ୍ରାହୀ ଯୋଗଦେଇ ଶରୀର ନିରୋଗ ରଖିବାକୁ ହେଲେ ଯୋଗର ଜରୁରୀ ଆବଶ୍ୟକତା ରହିଛି ବୋଲି ମତ ଦେବା ସଙ୍ଗେସଙ୍ଗେ ପିଲାମାନଙ୍କୁ ଏହାର ଉପଯୋଗିତା ବାବଦରେ ଅବଗତ କରାଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

## ରାଇମୋହନଙ୍କ ବିୟୋଗରେ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ଶୋକସଭା

ଖୋର୍ଦ୍ଧା (ପିଏନ୍): ଓଡ଼ିଶା ସିନେମା ଜଗତରେ ନବେରୁ ଅଧିକ ଚଳଚ୍ଚିତ୍ରରେ ଖଳନାୟକ ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କୁ ମୁଗ୍ଧ କରି ଆସିଥିବା ରାଇମୋହନ ପରିଡ଼ାଙ୍କ ବିୟୋଗରେ ଏକ ଶୋକସଭା ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ବିଜେବି ନଗର ଗାୟତ୍ରୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁଧୀର କୁମାର ମାନସିଂହ, ନିତ୍ୟ ନୂତନ କଳା ସଂସଦର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଗୋଟିପୁଅ ନୃତ୍ୟଗୁରୁ ହେମନ୍ତ କୁମାର ବେହେରା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ. ବୃନ୍ଦାବନ ପଣ୍ଡା, କବି ନାରାୟଣ ଦାସ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, କବି ଜ୍ୟୋତିପ୍ରଭା ପଟ୍ଟନାୟକ, ଗତିକୃଷ୍ଣ ଜେନା, ସ୍ମୃତିରଂଜନ ସାହୁ, ଯଯାତି ନାୟକ, ଜ୍ୟୋତିରଂଜନ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ସ୍ୱର୍ଗତଃ ରାଇମୋହନଙ୍କ ଅଭିନୟ ଅତ୍ୟନ୍ତ ଚିତାକର୍ଷକ ଥିଲା। ନିରୁତା ଓଡ଼ିଆଭାବ ତାଂକ ଅଭିନୟରେ ଭରିରହିଥିଲା। କେବଳ ଓଡ଼ିଆ ନୁହେଁ, ବଙ୍ଗଳା ଚଳଚ୍ଚିତ୍ରରେ ମଧ୍ୟ ରାଇମୋହନ ନିଖୁଣ ଖଳନାୟକର ଅଭିନୟ କରିଥିଲେ। ଯାତ୍ରାରେ ମଧ୍ୟ ସେ ପାରଦର୍ଶୀ ଅଭିନୟ କରିବା ସହ ନିର୍ଦ୍ଦେଶନା ବି ଦେଉଥିଲେ। ସମସ୍ତଂକ ସହ ସହଜରେ ମିଶିପାରୁଥିବା ଏହି ଅଭିନେତାଙ୍କ ବିୟୋଗ ଓଡ଼ିଶାର କଳା, ସଂସ୍କୃତି ଜଗତ ପାଇଁ ବିପୁଳ କ୍ଷତି ବୋଲି ଆଲୋଚକମାନେ ମତପ୍ରକାଶ କରିଥିଲେ। ସଂସଦର ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବର୍ଙ୍ଗିଦା ପଂଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଓଡିଶା ମୋ ପରିବାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିନେଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ନେତୃତ୍ୱ ଓ ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ଦିଲ୍ଲୀପ ହୋତାଙ୍କ ସଂଯୋଜନାରେ ରକ୍ତଦାନ ଶିବିରରୁ ମୋଟ ୩୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶରତ ପାଲଟାସିଂହ, ନିମାଇଁ ମହାରଣା, ପୂର୍ଣ୍ଣ ସାମନ୍ତରାୟ ଓ ସୁବାସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କାର୍ଯ୍ୟକ୍ରମର ସଂଯୋଜକ ଶ୍ରୀ ହୋତା ରକ୍ତଦାତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x4cm: Rs.8,000/- (One Month)
10c.m.x4cm: Rs. 350/- (One day)
5c.m.x4cm: Rs. 5,000/- (One Month)
5c.m.x4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Bhubaneswar Monday October 02, 2023 ଭୁବନେଶ୍ୱର ସୋମବାର, ଅକ୍ଟୋବର ୦୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଡେରାସ ଡ୍ୟାମରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ସଫେଇ ଅଭିଯାନ

ଭୁବନେଶ୍ୱର,(ପି.ଏନ): ଆୟୁଷ୍ମାନ ଭବ ଅଭିଯାନ ଅନ୍ତର୍ଗତ ସ୍ୱଚ୍ଛତା ହି ସେବା କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ଅନ୍ୟତମ ପର୍ଯ୍ୟଟନସ୍ଥଳୀ ଡେରାସ ଡ୍ୟାମରେ ଏମ୍ସ ଭୁବନେଶ୍ୱର ପକ୍ଷରୁ ସଫେଇ ଅଭିଯାନ ଅନୁଷ୍ଠିତ ହୋଇଯାଇଛି ।ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ନେତୃତ୍ୱରେ ଅଧ୍ୟାପକ/ଅଧ୍ୟାପିକା, ଛାତ୍ରଛାତ୍ରୀମାନେ ଆଜି ସକାଳ ୧୦ରେ ଏହି ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ଦେଶର ମାନନୀୟ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା ହି ସେବା କାର୍ଯ୍ୟକ୍ରମକୁ ସାକାର ରୂପ ଦେବାକୁ ଏମ୍ସ ପକ୍ଷରୁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳରେ ପରିଚ୍ଛନ୍ନତା କାର୍ଯ୍ୟକ୍ରମ ହାତକୁ ନିଆଯିବା ସହିତ ଆହୁରି ଅନେକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଆଜି ଅନୁଷ୍ଠିତ ଏକ ଘଣ୍ଟା ଶ୍ରମଦାନ ସ୍ୱରୂପ ଛାତ୍ରଛାତ୍ରୀ, ଅଧ୍ୟାପକ ଏବଂ କର୍ମଚାରୀମାନେ ବ୍ୟାପକ ସଫେଇ କରିବା ସହିତ ସ୍ୱଚ୍ଛତା ଅଭିଯାନ ନିମନ୍ତେ ଶପଥ ନେଇଥିଲେ। ଏଥିସହିତ ସ୍ଥାନୀୟ ଅଧିବାସୀଙ୍କ ସହିତ ମିଶି ସମସ୍ତ ପର୍ଯ୍ୟଟକମାନଙ୍କୁ ପରିବେଶକୁ ସ୍ୱଚ୍ଛ ରଖିବା ନିମନ୍ତେ ପ୍ରେରିତ କରିଥିଲେ।ଏହି ଅବସରରେ ଏମ୍ସ ର କର୍ମଚାରୀମାନେ ଡେରାସ୍ ରେ ଥିବା ଏକ ସାର୍ବଜନୀନ ଶୌଚାଳୟକୁ ପରିଷ୍କାର କରୁଥିଲେ। ଅତ୍ୟନ୍ତ ଅପରିଷ୍କାର ଅବସ୍ଥାରେ ଥିବା ଏହି ଶୌଚାଳୟକୁ ସଫା କରିବା ଏକ ଉଦାହରଣ ସୃଷ୍ଟିକାରୀ ପଦକ୍ଷେପ ଥିଲା ନିଶ୍ଚୟ। ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. ଜେ ଏସ ପିଲ୍ଲାଇ, ଡ. ପ୍ରଭାସ ରଂଜନ ତ୍ରିପାଠୀ, ଡ. ମନୋଜ କୁମାର ମହାନ୍ତି, ଡ. ସୌଭାଗ୍ୟ କୁମାର ଜେନା, ଡ. ଅଶୋକ କୁମାର ଜେନା, ଭାରପ୍ରାପ୍ତ ଡିଡିଏ ରଶ୍ମି ରଞ୍ଜନ ସେଠୀଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ର ଛାତ୍ରୀ, କର୍ମଚାରୀ ସାମିଲ ହୋଇଥିଲେ।ମାନନୀୟ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ ଏମ୍ସ ନିଜ ଶୈକ୍ଷିକ ପରିବେଶ ସମେତ ଆଖପାଖ ଅଞ୍ଚଳକୁ ପରିଚ୍ଛନ୍ନ ରଖିବା ଦିଗରେ ଶତତ ଯତ୍ନବାନ। ଆଜିର ଏହି ସଫେଇ କାର୍ଯ୍ୟକ୍ରମ ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଛାତ୍ର ଛାତ୍ରୀ, କର୍ମଚାରୀ ଏବଂ ଅଧ୍ୟାପକଙ୍କ ଉତ୍ସାହ ଦେଖିବା ଭଳି ଥିଲା। ସ୍ୱଚ୍ଛତା ଅଭିଯାନ ଅନ୍ତର୍ଗତ ଏମ୍ସ ଭୁବନେଶ୍ୱର ଏକାଧିକ କାର୍ଯ୍ୟକ୍ରମ ହାତକୁ ନେଇଛି।



## ପାରାଦୀପ ମାଛଧରା ବନ୍ଦରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ପାରାଦୀପ,(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଚଳିତ ଅକ୍ଟୋବର ୧ ତାରିଖ ରବିବାର ଦିନ ଉଦଯାପିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଭାରତ ସରକାରଙ୍କ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଅଧିନସ୍ଥ ରପ୍ତାନି ଯାଞ୍ଚ ଏଜେନ୍ସି ଭୁବନେଶ୍ୱର ଶାଖା ପକ୍ଷରୁ ପାରାଦୀପ ମାଛଧରା ବନ୍ଦର ପରିସରରେ ରବିବାର ଦିନ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ରୀୟ ରପ୍ତାନି ଯାଞ୍ଚ ଏଜେନ୍ସି ଉପ ନିର୍ଦ୍ଦେଶକ ଭରତ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ କୁ



ଉଦଘାଟନ କରିଥିଲେ । ଏଜେନ୍ସି, ରପ୍ତାନିକାରୀ ସଂସ୍ଥାର କର୍ମଚାରୀ ପ୍ରମୁଖ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ କ୍ଷ ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନକାରୀ ସଙ୍ଘ ର ସଭାପତି ଶ୍ରୀକାନ୍ତ ପରିଡା ଓ ଅନ୍ୟ କର୍ମକର୍ତ୍ତା ଏଥିରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଏହି କାର୍ଯ୍ୟକ୍ରମ କୁ ସଫଳ କରାଇବାରେ ସହାୟକ ହୋଇଥିଲେ ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଳନ ହେଲା ସ୍ୱଚ୍ଛତା ହିଁ ସେବା



କୋରାପୁଟ,(ପି.ଏନ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ପରିସରଠାରେ ଆଜି ଅକ୍ଟୋବର ୧, ୨୦୨୩ ତାରିଖରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି । ଆସନ୍ତା କାଲି ପାଳିତ ହେବାକୁ ଥିବା ଜାତିର ପିତାନ୍ତ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଉଦ୍ଦେଶ୍ୟରେ ସ୍ୱଚ୍ଛତା ପଖଓ୍ୱାଡା - ସ୍ୱଛତା ହିଁ ସେବା ୨୦୨୩ ର ଏକ ଅଂଶ ଭାବରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ସ୍ୱଛତା ହିଁ ସେବା କାର୍ଯ୍ୟକ୍ରମକୁ ଅତି ଉତ୍ସାହର ସହ କାର୍ଯ୍ୟକାରୀ କରିବାକୁ ଏହି ଅବସରରେ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି । ଭାରପ୍ରାପ୍ତ କୁଳସଚିବ ପ୍ରଫେସର ଏନ୍ ସି ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ପରିସର ଠାରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଥିଲା । ସେ କହିଥିଲେ ଯେ ଆମ ପରିବେଶକୁ ସ୍ୱଚ୍ଛ ରଖିବା ହେଉଛି ଏକ ପଦକ୍ଷେପ ଏବଂ ଏହା ସାରା ଜୀବନ ଜାରି ରହିବା ଉଚିତ୍ । ଏହାକୁ ଏକ କାର୍ଯ୍ୟକ୍ରମ ଭାବରେ ଆଖପାଖ ଅଞ୍ଚଳର ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇ ଏହି ମିଶନକୁ ସୁଦୃଢ଼ କରିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରିଥିଲେ । ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଏବଂ ପ୍ରଦୂଷଣ ମୁକ୍ତ କ୍ୟାମ୍ପସ ପାଇଁ କାର୍ଯ୍ୟ କରିବା ପାଇଁ ଜୈବ ବିବିଧତା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପଲିତା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ କର୍ମଚାରୀମାନଙ୍କୁ ପ୍ରେରଣା ଦେଇଥିଲେ । ବିଶ୍ୱବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ସମାଜବିଜ୍ଞାନ ବିଭାଗର ଆସୋସିଏଟ୍ ପ୍ରଫେସର ତଥା ମୁଖ୍ୟ ଡ. କପିଳା ଖେମୁଣ୍ଡୁ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ସ୍ୱଚ୍ଛତାକୁ ନିଜ ଜୀବନର ଏକ ସ୍ଥାୟୀ ଆଦର୍ଶ ଭାବରେ ଗ୍ରହଣ କରିବାକୁ ଓ ସ୍ୱଚ୍ଛ ବାତାବରଣ ଏବଂ ବ୍ୟକ୍ତିଗତ ସ୍ୱଛତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ବିଶେଷ କରି ସ୍ୱଚ୍ଛ ପରିବେଶକୁ ଦୃଷ୍ଟିରେ ରଖି ଏହି ଅଭିଯାନକୁ ବଜାୟ ରଖିବା ପାଇଁ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ଯଥା ଏକାଡେମିକ୍, ପ୍ରଶାସନ ଏବଂ ପାଖ ଗାଁ ନୂଆଗୁଡାର ସଂପୃକ୍ତ ଅଞ୍ଚଳ ଓ ରାସ୍ତାକୁ ସ୍ୱଚ୍ଛ ଓ ପରିଷ୍କାର କରାଯାଇଥିଲା । ନୂଆଗୁଡା ଗ୍ରାମ ଓ ବିଶ୍ୱବିଦ୍ୟାଳୟ ଓ ଏହାର ଆଖପାଖରେ ଥିବା ଖୋଲା ସ୍ଥାନ, ହଷ୍ଟେଲ ଓ ପଡ଼ିଆକୁ ଘାସ ହଟାଇବା, ଜଙ୍ଗଲୀ ବୁଦା କାଟିବା, ପଲିଥିନ୍ ବ୍ୟାଗ୍ ହଟାଇବା ଅଳିଆ ଆବର୍ଜନା ପରିଷ୍କାର କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା । ଆମ ଆଖପାଖକୁ ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକ ମୁକ୍ତ କରିବା ଲକ୍ଷ୍ୟନେଇ ଏହାର ଆୟୋଜନ କରାଯାଇଥିଲା ।ସ୍ୱଛତା ହିଁ ସେବାର ପ୍ରକୃତ ଲକ୍ଷ୍ୟକୁ ସଫଳ କରିବା ପାଇଁ ବହୁ ସଂଖ୍ୟାରେ ଛାତ୍ର-ଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନଙ୍କ ସମେତ ବିଶ୍ୱବିଦ୍ୟାଳୟର ଜନ ସମ୍ପର୍କ ଅଧିକାରୀ ଡାଃ. ଫଗୁନାଥ ଭୋଇ କାର୍ଯ୍ୟକ୍ରମରେ ରେ ଅଂଶଗ୍ରହଣ କରିଥିଲେ । ଡାଃ. ଫଗୁନାଥ ଭୋଇ, ଜନସମ୍ପର୍କ ଅଧିକାରୀ ।

# କଂଗ୍ରେସର ନୀତି ଆଦର୍ଶକୁ ଭଲ ପାଇ କଂଗ୍ରେସରେ ଯୋଗ ଦେଲେ ବହୁ ଯୁବକ ଯୁବତୀ



ଭୁବନେଶ୍ୱର, (ପି.ଏନ): କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ତଥା ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ପ୍ରତି ଦୃଢ଼ ଆସ୍ଥା ପ୍ରକଟ କରି ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ବହୁ ଶିକ୍ଷିତ ଯୁବକ ଯୁବତୀ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ ମହାନ୍ତିଙ୍କ ନେତୃତ୍ୱରେ ଆଜି କଂଗ୍ରେସ ଦଳରେ ସାମିଲ ହେଲେ। ଆଜି ଏହି ମିଶ୍ରଣ ପର୍ବରେ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ, ରାଜ୍ୟ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ପିସିସି ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା, ପିସିସି ସାଧାରଣ ସଂପାଦକ ସୁବ୍ରତ ମହାପାତ୍ର ଏବଂ ଜିଲ୍ଲା ଉପସଭାପତି ଶୁଭଦ୍ରା ମିଶ୍ର ପ୍ରମୁଖ ଉପସ୍ଥିତ ରହି କଂଗ୍ରେସ ଦଳରେ ଯୋଗଦେଇଥିବା ନେତୃବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ କଂଗ୍ରେସ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ଉଦବୋଧନ ଦେଇ କହିଥିଲେ ଯେ ରାହୁଲ ଗାନ୍ଧୀଙ୍କର ଭାରତ ଯୋଡ଼ ଯାତ୍ରା ପରେ ସାରା ଭାରତବର୍ଷର ଯୁବଶକ୍ତିମାନେ ରାହୁଲ ଗାନ୍ଧୀଙ୍କ ବିଚାରଧାରାକୁ ଆପଣାଇ ନେଇଛନ୍ତି। ଦୀର୍ଘ ୨୩ ବର୍ଷ ଧରି ଓଡ଼ିଶାର ବିଜେଡ଼ି ସରକାର ଓଡ଼ିଶାର ଯୁବକ ଓ ଯୁବତୀମାନଙ୍କ ଭାଗ୍ୟ ସହିତ ଖେଳ ଖେଳୁଛନ୍ତି। ବର୍ଷକୁ ୨ ଲକ୍ଷ ଚାକିରି ଦେବାର ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ବର୍ଷକୁ ୨ଶହ ଚାକିରି ମଧ୍ୟ ଦେଲେ ନାହିଁ। ଲକ୍ଷ ଲକ୍ଷ ପଦବୀ ସବୁ ବିଭାଗରେ ପଡ଼ି ରହିଛି କିନ୍ତୁ ପୂରଣ କରିବା ପରିବର୍ତ୍ତେ ଏ ସବୁ ପଦବୀ ଗୁଡ଼ିକ ବର୍ଷ ବର୍ଷ ଧରି ଫାଙ୍କା ପଡ଼ିରହୁଛି। ଶିକ୍ଷିତ ଯୁବକ ଯୁବତୀମାନେ ମାନେ ଚାକିରି ଆଶାରେ ବର୍ଷ ବର୍ଷ ଧରି ପଡ଼ିରହୁଛନ୍ତି। ଏହି ଯୁବକମାନଙ୍କ ଯୋଗଦାନ ଫଳରେ କଂଗ୍ରେସ ଅଧିକ ଶକ୍ତିଶାଳୀ ହେବବୋଲି ଶ୍ରୀ ପଟ୍ଟନାୟକ ଆଶାପୋଷଣ କରିଛନ୍ତି। ସର୍ବଶ୍ରୀ ଜି. କେଶବ ଦାସ, ରାଜା ରାଓ, ବିଜୟ କୁମାର ବାରିକ, ପ୍ରିୟମ୍ବଦା ପ୍ରିୟଦର୍ଶିନୀ, ବୈଶାଳୀ ପାତ୍ର, ଅଭିଶେକ ସୁବୁଦ୍ଧି, ଅସିମ କୁମାର ସେଠୀ, କିଶୋର ଦାସ, ସନ୍ତୋଷ ଶର୍ମା, ସୁଜିତ ସ୍ୱାଇଁ, ଏମଡି ମାଜିତ, ସନ୍ତୋଷ ଶର୍ମା, ତ୍ରିଲୋଚନ ରାଓ, ବିଜୟ ଜେନା, ଶଙ୍କର ମିଶ୍ର, ଅଭିନାଶ ବାରିକ, ଗୋବିନ୍ଦ ବେହେରା, ସୋମନାଥ ବାରିକ, ଅଭିଜିତ ଜେନା ପ୍ରମୁଖ ଆଜି କଂଗ୍ରେସ ଦଳରେ ଯୋଗଦେଇ ଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଦାସ, ଓ ପିସିସି ଗଣମାଧ୍ୟମର ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ମେଳା ଓ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତି ମେଳା ତଥା ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତି ପତ୍ର ବଣ୍ଟନ ସମ୍ବିଧାନ ସମ୍ମତ ନୁହେଁ




ଭୁବନେଶ୍ୱର,(ପି.ଏନ): ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ମେଳା ଓ ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତି ମେଳା ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିଯୁକ୍ତି ବଣ୍ଟନ ଏବଂ ଏଥିପାଇଁ କୋଟି କୋଟି ଟଙ୍କା ବିଜ୍ଞପ୍ତି ଖର୍ଚ୍ଚ ସମ୍ବିଧାନ ସମ୍ମତ ନୁହେଁ। ସମ୍ବିଧାନର ୩୦୯ ଧାରା ଅନୁଯାୟୀ କେନ୍ଦ୍ର ଓ ରାଜ୍ୟରେ ୟୁନିଅନ ପବ୍ଲିକ ସର୍ଭିସ୍ କମିଶନ ଓ ରାଜ୍ୟ ପବ୍ଲି ସର୍ଭିସ୍ କମିଶନ, ରେଲୱେ ସର୍ଭିସ କମିଶନ, ବ୍ୟାଙ୍କ ସେବା ନିଯୁକ୍ତି, କମିଶନ ତଥା ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରୀ ଉଦ୍ୟୋଗରେ ନିଯୁକ୍ତି ସଂସ୍ଥା ଓ ବ୍ୟବସ୍ଥିତ ପ୍ରଣାଳି ଥିବାବେଳେ ଏବଂ ଗତ ୫ ବର୍ଷ ହେଲା ରେଲୱେ, ବ୍ୟାଙ୍କ, କେନ୍ଦ୍ର ସରକାର, ବିଭିନ୍ନ ରାଜ୍ୟ ସରକାର ଓ ସରକାରୀ ଉଦ୍ୟୋଗ ଗୁଡ଼ିକରେ ଖାଲି ଥିବା ପଦବୀ ଗୁଡ଼ିକ ପୂରଣ ନ କରି ନିର୍ବାଚନ ୬ ମାସ ପୂର୍ବରୁ ପ୍ରଧାନମନ୍ତ୍ରୀ ନିଯୁକ୍ତି ଯୋଜନା ଓ ମୁଖ୍ୟମନ୍ତ୍ରୀ ନିଯୁକ୍ତି ଯୋଜନା ଆଳରେ ନିଯୁକ୍ତି ଦେଇ ନିଜେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନେ ରାଜ୍ୟନୈତିକ ଉଦ୍ୟେଶ୍ୟମୂଳକ ଭାବେ ନିଯୁକ୍ତି ପତ୍ର ବଣ୍ଟନ କରିବା ସଂପୂର୍ଣ୍ଣ ବେଆଇନ୍। ଏହାକୁ ତୁରନ୍ତ ବନ୍ଦ କରି ପ୍ରଚଳିତ ସ୍ଥାୟୀ ବ୍ୟବସ୍ଥା ମାଧ୍ୟମରେ ସମସ୍ତ ନିଯୁକ୍ତି କରିବା ପାଇଁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଷ୍ଟ୍ରୀୟ ଉପସଭାପତି ତଥା ପୂର୍ବତନ ସାଂସଦ ଡଃ ରାମଚନ୍ଦ୍ର ଖୁଣ୍ଟିଆ ଗତ ତା. ୩୦.୦୯.୨୦୨୩ ରିଖରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ କାର୍ଯ୍ୟକାରୀ କମିଟିର ଉଦ୍‌ବୋଧନ ଦେଇ ଦାବୀ କରିଛନ୍ତି। ମଜୁରୀର ଅସମତା ହେତୁ ଅନ୍ତରାଜ୍ୟ ପ୍ରବାସୀ ଶ୍ରମିକ ସମସ୍ୟା ବୃଦ୍ଧି ହେଉଛି। କେନ୍ଦ୍ର ସରକାର ସମଗ୍ର ଭାରତବାସୀଙ୍କ ପାଇଁ ସମାନ ଆଇନ ୟୁନିଫର୍ମ ସିଭିଲ କୋର୍ଟ କଥା କହୁଥିବାବେଳେ ଏବଂ କେନ୍ଦ୍ର ସରକାର, ରେଲୱେ, ବ୍ୟାଙ୍କ ସମସ୍ତ କର୍ମଚାରୀ ସାରା ଦେଶରେ ସମାନ ଦରମା ପାଉଥିଲାବେଳେ ଭାରତରେ ଥିବା ପ୍ରଦେଶର ସମସ୍ତ ଶ୍ରମିକଙ୍କ ପାଇଁ ଜାତୀୟ ସର୍ବନିମ୍ନ ମଜୁରୀ ଓ ଗୋଟିଏ ପ୍ରକାର ଡ଼ି.ଏ. ହେବା ଆବଶ୍ୟକ। ଆନ୍ତର୍ଜାତିକ ଶ୍ରମିକ ସଂଗଠନର ୨୦୨୨ ସର୍ବସମ୍ମତ ପ୍ରସ୍ତାବ ଅନୁଯାୟୀ ଆନ୍ତର୍ଜାତିକ ଶ୍ରମିକ ସଂଗଠନର ଆଇ.ଏଲ.ଓ କନ୍‌ଭେନସନ୍ ୧୮୭, ୧୫୫, ୧୫୧ କନ୍‌ଭେନସ୍‌ନକୁ ର୍‍ୟାକ୍ଟିଫାଇ କରି ଭାରତ ବର୍ଷରେ ସବୁ ଶ୍ରମିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଶୁନିଶ୍ଚିତ କରିବା ଓ ସମ୍ବିଧାନକୁ ସଂଶୋଧନ କରି ସମସ୍ତ ଶ୍ରମିକ ଓ ନାଗରିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥା ଓ ସାମାଜିକ ସୁରକ୍ଷା ପାଇଁ ମୌଳିକ ଦାବି ଭାବରେ ଗ୍ରହଣ କରିବା ତଥା ଜାତୀ ସଂଘର ପ୍ରବାସୀ ଶ୍ରମିକଙ୍କ ପାଇଁ ପ୍ରସ୍ତୁତ ନନ୍‌ବାଇଡିଙ୍ଗ କନଭେନସନ୍‌ରେ ସ୍ୱାକ୍ଷର କରି ଭାରତ ସରକାର ଭାରତରେ ଥିବା କୋଟି କୋଟି ଆନ୍ତରାଜ୍ୟ ପ୍ରବାସୀ ଶ୍ରମିକ ଓ ବିଦେଶରେ ଥିବା ୨.୫ କୋଟି ପ୍ରବାସୀ ଶ୍ରମିକଙ୍କ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଡଃ ରାମଚନ୍ଦ୍ର ଖୁଂଟିଆ ଦାବି କରିଥିଲେ। ଆମର ପ୍ରିୟ ନେତା ଶ୍ରୀ ରାହୁଲ ଗାନ୍ଧୀ ଦିଲ୍ଲୀ ରେଲୱେ ଷ୍ଟେସନରେ ମିଳି ବୋଝ ଉଠାଇବା, କାଠ କାରଖାନାରେ କାରଗରି କାମ କରିବା ଓ ମଟର ସାଇକେଲ ରିପ୍ୟାର୍ କରିବା କାର୍ଯ୍ୟ ଏବଂ ଚାଷୀ ଏବଂ ଶ୍ରମିକ ଆନ୍ଦୋଳନ ସମୟରେ କଂଗ୍ରେସ ଦଳ ଓ ରାହୁଲ ଗାନ୍ଧୀ ସମର୍ଥନ କରିବାରୁ ଆଗାମୀ ୫ ଟି ରାଜ୍ୟ ବିଧାନ ସଭା ନିର୍ବାଚନ ପାଇଁ କଂଗ୍ରେସ ଦଳରକୁ ସମର୍ଥନ କରିବା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଛଇ। ରେଲୱେ ଶ୍ରମିକ ୟୁନିଅନର ସମ୍ମିଳନୀ ଗୃହରେ ଉତରାଂଚଳ ଶ୍ରମିକ କଂଗ୍ରେସ ସମ୍ମିଳନୀ ଗୃହରେ ଶ୍ରୀ ରାଘବୟାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସାରା ଦେଶରୁ ୨୯ଟି ରାଜ୍ୟରୁ ପ୍ରାୟ ୫୦୦ ରୁ ଉର୍ଦ୍ଧ୍ୱ ଶ୍ରମିକ ନେତାମାନଙ୍କୁ ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଏହି ବୈଠକରେ ଉଦ୍‌ବୋଧନ ଦେଇ ଶ୍ରମିକ କର୍ମଚାରୀଙ୍କର ଦାବିକୁ କଂଗ୍ରେସ ଦଳ ଦୃଢ଼ଭାବେ ସମର୍ଥନ କରିବ ଏବଂ କଂଗ୍ରେସ ସରକାରକୁ ଆସିଲେ ଏ ସବୁ ଦାବିକୁ କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ ଏବଂ କଂଗ୍ରେସର ଜାତୀୟ ଓ ରାଜ୍ୟ କମିଟିରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ପ୍ରାର୍ଥୀମାନଙ୍କୁ ଗୁରୁତ୍ୱ ଦିଆଯିବ ବୋଲି ପ୍ରତିଶ୍ରୁତ ଦେଇଥିଲେ। ଏହି ବୈଠକରେ ଓଡ଼ିଶାରୁ ଜାତୀୟ କମିଟି ସଂଗଠନ ସମ୍ପାଦକ ସୌଭାଗ୍ୟ ପ୍ରଧାନ, ଶ୍ୟାମ ସୁନ୍ଦର ମହାପାତ୍ର ଆଲୋଚନାରେ ଭାଗ ନେଇଥିଲେ ଓ ନାଲ୍‌କୋର ସଂଗଠନ ସଂପାଦକ ନିର୍ମଳ ସାମଲ ଓ ସତ୍ୟାନନ୍ଦ ସାହୁ ସମେତ ବହୁ ପ୍ରତିନିଧି ଯୋଗ ଦେଇଥିଲେ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viöäage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray